## ଔପଦା ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ସମ୍ବର୍ଦ୍ଧିତ

ଔପଦା,(ଧରିତ୍ରୀ ପ୍ରଣ୍ଡା): ବାଲେଶ୍ୱର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଔପଦାର ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ସମ୍ପାଦକ ମହେନ୍ଦ୍ର ପ୍ରସାଦ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜିଲା ବରିଷ୍ଠ ନାଗରିକ ମଞ୍ଚର ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଔପଦା ବରିଷ୍ଠ ନାଗରିକ ମଞ୍ଚର ପ୍ରତିଷ୍ଠାତା ତଥା ମଞ୍ଚର ସାଧାରଣ ସମ୍ପାଦକ ମହେନ୍ଦ୍ର ପ୍ରସାଦ ନାୟକଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି।

**ବାଲେଶ୍ୱର**

# ସୁନାମି, ସାମୁଦ୍ରିକ ଝଡ଼ର ଆଗୁଆ ସୂଚନାଦିଏ ନାଲି କଙ୍କଡ଼ା

**ଭୋଗରାଇ,୬।୧୦(ପ୍ରଦୀପ ଦାସ)**

ନିଃଶବ୍ଦ ଓ ନିଶ୍ଚଳ ଲୁଣା ଜଙ୍ଗଲ ବେଳାଭୂମିରେ ଦେଖାଯାନ୍ତି ବିରଳ ପ୍ରଜାତିର ନାଲି କଙ୍କଡ଼ା। ଏସିଆ, ୟୁରୋପ, ଅଷ୍ଟ୍ରେଲିଆ ଓ ଆମେରିକା ଭଳି କେତେକ ସନ୍ତସନ୍ତିଆ ବେଳାଭୂମି ଏହି ଜଳଜୀବଙ୍କ ଚରାଭୂଇଁ। ୪୫୦ ବର୍ଷ ଧରି ବିରଳ ନୀଳରକ୍ତ ଓ ନାଲି କଙ୍କଡ଼ା ଅଦ୍ୟାବଧି ବଞ୍ଚି ରହିଥିବା ଜୀବବିଜ୍ଞାନୀମାନେ ଦାବି କରୁଥିବା ବେଳେ ଆଧୁନିକ ଚିକିତ୍ସା ବିଜ୍ଞାନରେ ନୀଳରକ୍ତ କଙ୍କଡ଼ାରୁ ମାନବକଲ୍ୟାଣ ନିମନ୍ତେ ମହାଔଷଧୀ ପ୍ରସ୍ତୁତ ହେଉଛି। ହେଲେ ନାଲି କଙ୍କଡ଼ା ପରିବେଶ ସନ୍ତୁଳନ ରକ୍ଷା କରିବାରେ ସହାୟକ ହେଉଥିବା କୁହାଯାଉଥିବା ବେଳେ ଏହି କଙ୍କଡ଼ା ଉପରେ ଜୀବବିଜ୍ଞାନୀମାନେ ଅଧିକ ଗବେଷଣା କରିବା ଜରୁରୀ ହୋଇପଡ଼ିଛି। ଏହି ନାଲିକଙ୍କଡ଼ା ସମୁଦ୍ରରେ ସୁନାମି ଓ ସାମୁଦ୍ରିକ ଝଡ଼ର ଆଗୁଆ ସୂଚନା ଦିଏ ବୋଲି ପରିବେଶବିତ୍ ଓ ଜୀବବିଜ୍ଞାନୀମାନେ ମତ ରଖିଛନ୍ତି। ପରିବେଶ ପ୍ରଦୂଷଣ, ଲୁଣା ଜଙ୍ଗଲ ଧ୍ୱଂସ, ସମୁଦ୍ର ତଟରେ ଅବାଧ ବାଇକ୍ ଚାଳନା, ଟ୍ରଲର ଗର୍ଜନ, ପ୍ଲାଷ୍ଟିକ ଓ ପଲିଥିନ ବର୍ଜନ, କଙ୍କଡ଼ାକୁ ଧରି ମାରିବା ଯୋଗୁ ନାଲି କଙ୍କଡ଼ା ଧୀରେ ଧୀରେ ବିଲୁପ୍ତ ହେବାକୁ ଯାଉଥିବାରୁ ପରିବେଶବିତ୍ ଓ ଜୀବବିଜ୍ଞାନୀମାନେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି।

ବିଶେଷ ଭାବେ ବଙ୍ଗୋପସାଗର କୂଳରେ ବିଭିନ୍ନ ପ୍ରଜାତିର କଙ୍କଡ଼ା ଦେଖିବାକୁ ମିଳିଥାଏ। କେତେକ କଙ୍କଡ଼ା ମଣିଷର ଖାଦ୍ୟ ରୂପେ ବ୍ୟବହୃତ ହେଉଥିବା ବେଳେ ଅନ୍ୟ କେତେକ କଙ୍କଡ଼ା ମଣିଷ ପାଇଁ ଘାତକ ହୋଇଥାନ୍ତି ବୋଲି ଚିକିତ୍ସା ବିଜ୍ଞାନୀମାନେ ମତ ଦିଅନ୍ତି। ଏଭଳି ସ୍ଥିତିରେ ଓଡ଼ିଶା ଓ ପଶ୍ଚିମବଙ୍ଗ ସମୁଦ୍ରକୂଳ ନିଛାଟିଆ ବିଭିନ୍ନ ସ୍ଥାନରେ ୧ହଜାର ମିଲିୟନ ନାଲି କଙ୍କଡ଼ା ଦେଖାଯାଇଥାନ୍ତି। ଓଡ଼ିଶା ସୀମାନ୍ତ ଉଦୟପୁର, ତାଳସାରୀ, ବିଚିତ୍ରପୁର, ଡଗରା, ଚୌମୁଖ, ହସକରା, ଦୁବଲାଗଡ଼ି, ଖଣ୍ଡିଆ ମୁହାଣ ସହିତ ଭିତରକନିକାରେ ମଧ୍ୟ ନୀଳ ଓ ନାଲିକଙ୍କଡ଼ା ଢଣା ଅଧିକେ ଦେଖାଯାନ୍ତି। ସେହିପରି ପଶ୍ଚିମବଙ୍ଗର ଦୀଘା, ଶଙ୍କରପୁର, ମନ୍ଦାରମଣି, ସାଗରଦୀପ ଓ ସୁନ୍ଦରବନ ଅଞ୍ଚଳରେ ନାଲିକଙ୍କଡ଼ା ସମୁଦ୍ରକୂଳ ଲୁଣାଜଙ୍ଗଲ ଓ ସମୁଦ୍ରକୂଳ ବାଲିସ୍ତୁପରେ ୨୦ରୁ ୩୫ ଇଞ୍ଚ ମଧ୍ୟରେ ଗାତ କରି ରହିଥାନ୍ତି। ଦିନବେଳେ ଗାତ ମୁହଁରେ ସୁରକ୍ଷାକୁ ଜଗି ରହିଥିବା ବେଳେ ରାତିରେ ଏମାନେ ଚଳଚଞ୍ଚଳ ହୁଅନ୍ତି। ଉକ୍ତ କଙ୍କଡ଼ାର ଉପରି ଭାଗରେ ୨ଟି ଆଣ୍ଟିନା ଭଳି ରହିଥିବାରୁ ଦୂରରୁ ଶତ୍ରୁକୁ ଦେଖିପାରି ଗର୍ତ୍ତ ମଧ୍ୟରେ ଲୁଚିଯାଇଥାନ୍ତି। ଏମାନେ ସମୁଦ୍ରକୂଳରୁ ଛୋଟ ଛୋଟ ଜଳଜୀବ ଓ ଲୁଣାଜଙ୍ଗଲରୁ ତୃଣ ଖାଇ ଜୀବନଯାପନ କରନ୍ତି। ମାଈ ନାଲି କଙ୍କଡ଼ା ବର୍ଷକରେ ନଭେମ୍ବର ଓ ମାର୍ଚ୍ଚରେ ୨ ଥର ଅଣ୍ଡା ଦେଉଥିବା ବେଳେ ଥରକେ ୧ହଜାରରୁ ୨ହଜାର ପର୍ଯ୍ୟନ୍ତ ଅଣ୍ଡା ଦେଇଥାନ୍ତି। ପୁରୁଷ ରଜା କଙ୍କଡ଼ା ୨୦ରୁ ୩୦ବର୍ଷ ବଞ୍ଚିପାରେ ବୋଲି କେତେଜଣ ଜୀବବିଜ୍ଞାନୀ ତଥ୍ୟ ଦେଇଥିବାବେଳେ ଅନ୍ୟ କେତେଜଣ ୪ରୁ ୬ବର୍ଷ ପର୍ଯ୍ୟନ୍ତ ବଞ୍ଚିଥାନ୍ତି ବୋଲି ମତ ରଖିଛନ୍ତି। କେତେକ ଛୋଟ ଓ ବଡ଼ ନାଲିକଙ୍କଡ଼ା ୪ରୁ ୯ ଇଞ୍ଚ ଲମ୍ବ ଓ ୭ରୁ ୯ ଇଞ୍ଚ ଉଚ୍ଚତା ବିଶିଷ୍ଟ ହୋଇଥାନ୍ତି। ଏହି କଙ୍କଡ଼ା ମାଟିର ଉର୍ବରତା ବଢ଼ାଇବା, ଲୁଣି ଜଙ୍ଗଲ ହେନ୍ତାଳ ଓ ବନୀବୃକ୍ଷକୁ ବଢ଼ାଇ ସତେଜ ରଖି ଜୈବବିବିଧତାକୁ ସନ୍ତୁଳିତ ରଖିବା ସହ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଗ୍ରହଣ କରି ଅମ୍ଳଜାନ ଛାଡୁଥିବା ବୈଜ୍ଞାନିକମାନେ କହିଛନ୍ତି। ନାଲି କଙ୍କଡ଼ା ଖାଦ୍ୟ ରୂପେ ବ୍ୟବହାର ହେବା ସହିତ ଏହାର ଖୋଳପାକୁ ମାଛ ଖାଦ୍ୟ, ଓମେଗା ୩ ଫ୍ୟାଟି ଏସିଡ୍, ଭିଟାମିନ ବି –୧୨ ଓ ଅସମାନ ହାର୍ଟବିଟ୍‌କୁ ଠିକ୍ କରେ ବୋଲି ପରିବେଶବିତ୍ ତଥା ଜୀବବୈଜ୍ଞାନିକ ଶାଶ୍ୱତ କୁମାର ଜେନା କହିଛନ୍ତି। ନୀଳରକ୍ତ କଙ୍କଡ଼ାରୁ ମହାଔଷଧୀ ପ୍ରସ୍ତୁତ ହେଉଥିବା ବେଳେ ଏହା ବିଶ୍ୱ ତାପାୟନକୁ ସ୍ଥିର ପରିବେଶ ସୃଷ୍ଟି କରିଥାଏ ବୋଲି ବିଶିଷ୍ଟ ବୈଜ୍ଞାନିକ ଡ. ସିଦ୍ଧେଶ୍ୱର ପତି ମତ ରଖିଛନ୍ତି। ଫକୀରମୋହନ ବିଶ୍ୱବିଦ୍ୟାଳୟରେ ନୀଳକଙ୍କଡ଼ାର ଗବେଷଣା ବିଭାଗ ଖୋଲାଯାଇ ଅଧିକ ଗବେଷଣା କରାଯାଉଥିବା ବେଳେ ନାଲି କଙ୍କଡ଼ା ଗବେଷଣାଗାର ସ୍ଥାପନ ହେଉ ବୋଲି ଜୀବବିଜ୍ଞାନ ବିଭାଗର ପ୍ରଫେସର ଡ. ଭାସ୍କର ବେହେରା କହିଛନ୍ତି। ସାମୁଦ୍ରିକ ଜୀବଗୁଡ଼ିକର ଉତ୍ତମ ସ୍ଥିତି, ଖାଦ୍ୟ ସୁରକ୍ଷା ଓ ପରିବେଶ ସନ୍ତୁଳନ ନିମନ୍ତେ ନାଲି କଙ୍କଡ଼ାର ସୁରକ୍ଷା ବିଶେଷ ଜରୁରୀ ହେବା ସହିତ କଙ୍କଡ଼ା ସୁରକ୍ଷା ଲଢ଼େଇ ଜାରି ରହୁ ବୋଲି ବିଶିଷ୍ଟ ଶିଳ୍ପୀ ଓ ପରିବେଶବିତ୍ କେଶୁ ଦାସ ମତପ୍ରକାଶ କରିଛନ୍ତି। ନାଲି, ନୀଳ ରକ୍ତ କଙ୍କଡ଼ାକୁ ବନ୍ୟପ୍ରାଣୀ ସୁରକ୍ଷା ଆଇନରେ ସ୍ଥାନାନ୍ତରିତ କରିବା, ସମୁଦ୍ରକୂଳରେ ଅବାଧ ବାଇକ୍ ଚାଳନା ବନ୍ଦ କରିବା, ଜଙ୍ଗଲ ସୁରକ୍ଷା ସହ କୂଳରେ ପ୍ଲାଷ୍ଟିକ, ପଲିଥିନ ବର୍ଜନ କରିବା, କୂଳକୁ ସ୍ୱଚ୍ଛ, ସତେଜ ଓ ସବୁଜ ରଖିବା ନିମନ୍ତେ ଅନନ୍ତ ଦାସ ଫାଉଣ୍ଡେଶନ ପକ୍ଷରୁ ବ୍ୟାପକ ସଚେତନତା ହାତକୁ ନିଆଯାଇଛି ବୋଲି ଏହି ସଙ୍ଗଠନର ସଭାପତି ଇଂ. ଅଭିଜିତ କୁମାର ଦାସ କହିଛନ୍ତି। ନାଲି ଓ ନୀଳରକ୍ତ କଙ୍କଡ଼ାର ସୁରକ୍ଷା ଓ ପ୍ରକୃତି ପରିବେଶକୁ ସ୍ୱଚ୍ଛ ନିମନ୍ତେ ବିଧାନସଭାରେ ପ୍ରଶ୍ନ ଉଠାଇବେ ବୋଲି ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ସୂଚନା ଦେଇଛନ୍ତି।



## ରୋଟାରୀ ଜିଲା ପ୍ରାନ୍ତପାଳଙ୍କ ବାଲେଶ୍ୱର ଗସ୍ତ



ଚାରାରୋପଣ କାର୍ଯ୍ୟକ୍ରମରେ ପ୍ରାନ୍ତପାଳଙ୍କ ସହ ଅନ୍ୟମାନେ।

**ବାଲେଶ୍ୱର, ୬।୧୦(ବାଞ୍ଛାନିଧି ଦେ)**

ରୋଟାରୀ ଜିଲା ୩୨୬୨ର ପ୍ରାନ୍ତପାଳ ରୋଟାରୀୟାନ ଯଜ୍ଞାଶିଷ ମହାପାତ୍ର ତାଙ୍କର ଦୁଇଦିନିଆ ଉତରଓଡ଼ିଶା ଗସ୍ତରେ ଆସିଛନ୍ତି। ଏହି ଅବସରରେ ଭଦ୍ରକ, ବାରିପଦା ଓ ବାଲେଶ୍ୱରଠାରେ ଥିବା ରୋଟାରୀ ସଙ୍ଗଠନ ପରିଦର୍ଶନ ପୂର୍ବକ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି। ବାଲେଶ୍ୱର ରୋଟାରୀ କ୍ଲବ ପ୍ରାୟୋଜିତ ରେମୁଣା ଉଚ୍ଚ ବିଦ୍ୟାଳୟ ଠାରେ ଅବସ୍ଥିତ 'ଇଣ୍ଟ୍ରାକ୍ଟ କ୍ଲବ' ସେ ପରିଦର୍ଶନ କରିଥିଲେ। ପ୍ରାନ୍ତପାଳଙ୍କୁ ଏକ ଶୋଭାଯାତ୍ରାରେ ପାଛୋଟି ନେଇ ଛାତୀଛାତ୍ର ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

ପୂର୍ବତନ ସଭାପତି ରୋ. ଦେବେନ୍ଦ୍ର କୁମାର ଧଳଙ୍କ ସଂଯୋଜନାରେ ଆୟୋଜିତ ସଭାରେ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ସମ୍ପର୍କରେ ପ୍ରାନ୍ତପାଳ ମହାପାତ୍ର ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ଭବିଷ୍ୟତରେ ସୁନାଗରିକ ହୋଇ ସମାଜ ଓ ଦେଶ ଗଠନରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ରୋଟାରୀ କ୍ଲବ ସଭାପତି କର୍ନେଲ କ୍ଷେତ୍ରମୋହନ ମହାପାତ୍ର, ସମ୍ପାଦକ ପ୍ରବାଳ ସିହ୍ନା, ସୁବ୍ରତ କରଙ୍କ ସମେତ ଜିଲା ପିପି ଫୋରମ୍‌ର ଚେୟାରମ୍ୟାନ୍ ପ୍ରଶାନ୍ତ ମିଶ୍ର, ଭୁବନେଶ୍ୱର ଆମିଟି କ୍ଲବରୁ ବିଘ୍ନେଶ୍ୱର ବେହେରା ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଅନୁପମା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ନାଗ ଉଦ୍ଧାର

କାଳିପଦା, ୬।୧୦(ରାଜଶ୍ରୀ ପାଣିଗ୍ରାହୀ)–ବାଲିଆପାଳ ବ୍ଲକ ଅଧୀନ କୁଣ୍ଡଳୀ ପଞ୍ଚାୟତ କୁଣ୍ଡଳୀ ଗ୍ରାମର ଯୁଧିଷ୍ଠିର କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଜଳନ୍ଧର ମଲ୍ଲିକଙ୍କ ଘରେ ଗତ ଶୁକ୍ରବାର ରାତି ୧୦ଟାରେ ଏକ ୫ ଫୁଟ୍ ଲମ୍ବର ନାଗ ଘର ଭିତରକୁ ପଶି ଯାଇଥିଲା। ସାପକୁ ଉଦ୍ଧାର କରିବା ପାଇଁ ପରିବାର ଲୋକେ ଲଙ୍ଗଳେଶ୍ୱର ବନବିଭାଗକୁ ଖବର ଦେଇଥିଲେ। ବନପାଳ ହୃଷିକେଶ ପ୍ରଧାନଙ୍କ ନିର୍ଦ୍ଦେଶରେ ସାପ ଧରାଳି ବାବୁଧର ଜେନା ଓ ସାଥୀ ଆଲୋକ ପାତ୍ର ପହଞ୍ଚି ସାପକୁ ଉଦ୍ଧାର କରିଥିଲେ।

## ସହରରେ ମାତିଛନ୍ତି ଲୁଟେରା
## ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍

ବାଲେଶ୍ୱର, ୬।୧୦(ବାଞ୍ଛାନିଧି ଦେ)– ବାଲେଶ୍ୱର ସଦର ଥାନା ଅଧୀନ ଗୀତା କଲ୍ୟାଣମଣ୍ଡପ ନିକଟରେ ରବିବାର ଜଣେ ମହିଳାଙ୍କ ବେକରୁ ଲୁଟେରାମାନେ ସୁନାଚେନ୍ ଲୁଟ୍ କରି ଚମ୍ପଟ ମାରିଛନ୍ତି। ଏନେଇ ପୋଲିସ ଏକ ମାମଲା (ନଂ. ୪୦୩/୨୪) ରୁଜୁ କରି ତଦନ୍ତ ଜାରି ରଖିଛି। ଏହି ଥାନା ଅଧୀନ ସତ୍ୟନଗର ଅଞ୍ଚଳର ବିନାୟକ ମହାପାତ୍ରଙ୍କ ସ୍ତ୍ରୀ ମଧ୍ୟାହ୍ନରେ ମାର୍କେଟ୍‌ରୁ ଘରକୁ ଫେରୁଥିଲେ। ଗୀତା କଲ୍ୟାଣମଣ୍ଡପ ନିକଟ ଏକ ବିଦ୍ୟୁତ୍ ଷ୍ଟ୍ରକଚର୍‌ଠାରେ ବାଇକ୍ ଯୋଗେ ୨ଜଣ ଯୁବକ ଆସି ତାଙ୍କ ବେକରୁ ସୁନାଚେନ୍‌କୁ ଛିଣ୍ଡାଇ ନେଇ ପଳାଇଯାଇଥିଲେ। କିଛି ସମୟ ପୂର୍ବରୁ ଲୁଟେରାମାନେ ତାଙ୍କ ପିଛା କରୁଥିବା ମହିଳାଜଣକ ଅଭିଯୋଗ କରିଛନ୍ତି। ଗତ ୪ ତାରିଖ ଅପରାହ୍ନରେ ସହଦେବଖୁଣ୍ଟା ଥାନା ହ୍ୱାଇଟହାଉସ ଗଳି ଅଞ୍ଚଳର ମୋହିତ ପୋଦ୍ଦାରଙ୍କ ଘରେ ପଶି ଦୁର୍ବୃତ୍ତମାନେ ମହିଳାଙ୍କ ମୁହଁକୁ ସ୍ପ୍ରେ କରି ହାତରୁ ଦୁଇପଟ ହୀରା ଚୁଡ଼ି ଓ ବେକରୁ ସୁନାଚେନ୍ ନେଇ ଚମ୍ପଟ ମାରିଥିଲେ।

# ବଙ୍ଗୀୟ ପର୍ଯ୍ୟଟକଙ୍କୁ ପଞ୍ଚଲିଙ୍ଗେଶ୍ୱରରେ ଦୁର୍ବ୍ୟବହାର

### ନ୍ୟାୟ ପାଇଁ ଭିଡିଓ ଭାଇରାଲ

**ନୀଳଗିରି, ୬।୧୦(ପ୍ରଶାନ୍ତ କୁମାର ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରି ପଞ୍ଚଲିଙ୍ଗେଶ୍ୱର ପୀଠକୁ ରବିବାର ପଶ୍ଚିମବଙ୍ଗ ମେଦିନୀପୁର ଅଞ୍ଚଳରୁ ୭୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଦର୍ଶନ ପାଇଁ ବସ୍ ଯୋଗେ ଆସିଥିଲେ। ପଞ୍ଚଲିଙ୍ଗେଶ୍ୱର ପୀଠର ମୁଖ୍ୟ ଫାଟକ ନିକଟରେ ସେମାନଙ୍କୁ ଅଟକାଇ ଜୋତାଷ୍ଟାଣ୍ଡର କିଛି କର୍ମକର୍ତ୍ତା ଜୋତା ଟିକେଟ ବାବଦରେ ମୁଣ୍ଡ ପିଛା ୫ ଟଙ୍କା ଲେଖାଏଁ ବୋଲି କହିଥିଲେ। ଜୋତା ପିନ୍ଧି ନ ଥିବା ବେଳେ କେଉଁ କାରଣରୁ ଟଙ୍କା ଦେବେ ବୋଲି ପର୍ଯ୍ୟଟକମାନେ ଯୁକ୍ତି କରିଥିଲେ। ହେଲେ ଜୋତା ଥାଉ କି ନ ଥାଉ ଦର୍ଶନ ଓ ଜୋତା ପାଇଁ ଟଙ୍କା ଦେବାକୁ ବାଧ ନ ହେଲେ ଦର୍ଶନ କରିବାକୁ ଛାଡିବେନି ବୋଲି କହିବା ସହ ଜୋତାଷ୍ଟାଣ୍ଡରେ କର୍ମକର୍ତ୍ତାମାନେ ଦୁର୍ବ୍ୟବହାର କରିଥିବା ନେଇ ପର୍ଯ୍ୟଟକମାନେ ସୋସିଆଲ ମିଡିଆ ଭିଡିଓ କରି ସ୍ଥାନୀୟ ପ୍ରଶାସନକୁ ନ୍ୟାୟ ପାଇଁ ନିବେଦନ କରିଥିଲେ। ଏ ନେଇ ନୀଳଗିରି ଉପଜିଲାପାଳ ଶୁଭଶ୍ରୀ ରଥଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ତଦନ୍ତ କରାଯାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।


ପଞ୍ଚଲିଙ୍ଗେଶ୍ୱର ପୀଠରେ ଏକଜୁଟ ହୋଇଥିବା ପର୍ଯ୍ୟଟକ।

## ଷ୍ଟେଶନରୁ ଧରାପଡ଼ିଲେ ୨ ଡକାୟତ

### ଲାପଟପ୍, ମୋବାଇଲ୍, ଅଳଙ୍କାର ଜବତ

**ବାଲେଶ୍ୱର, ୬।୧୦(ବାଞ୍ଛାନିଧି ଦେ)**

ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ଅଧୀନ ଆଲ୍ଲୁପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ଡକାୟତି କରି ଟ୍ରେନ୍ ଯୋଗେ ଯିବା ପାଇଁ ଉଦ୍ୟତ ହେଉଥିବା ବେଳେ ବାଲେଶ୍ୱର ଷ୍ଟେଶନରୁ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଦ୍ୱୟଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ଏ ସମ୍ପର୍କରେ ଏକ ମାମଲା (ନଂ. ୧୭୧/୨୪) ରୁଜୁ ହୋଇ ତଦନ୍ତ ଜାରି ରହିଛି। ଅଭିଯୁକ୍ତଙ୍କ ନିକଟରୁ ଚୋରି ଲାପଟପ୍, ମୋବାଇଲ୍, ରୁପାପାଉଁଜି, ସୁନା କାନଫୁଲ ଓ ଟଙ୍କା ଜବତ ହୋଇଛି।

ଗତ ୪ ତାରିଖ ରାତିରେ ଅଭିଯୁକ୍ତଦ୍ୱୟ ଆଲ୍ଲୁପୁର ଗ୍ରାମର ଅଶୋକ ପଣ୍ଡାଙ୍କ ଘରେ ପଶି ତାଲା ଭାଙ୍ଗି ଉପରୋକ୍ତ ସାମଗ୍ରୀ ସହ ନଗଦ ୧୫ହଜାର ଟଙ୍କା ଚୋରି କରି ଚମ୍ପଟ ମାରିଥିଲେ। ବାଲେଶ୍ୱର ଷ୍ଟେଶନରେ ଜିଆର୍‌ପି ଓ ଆରପିଏଫ୍ ପାଟ୍ରୋଲିଂ କରୁଥିବା ବେଳେ ଉକ୍ତ ଯୁବକଦ୍ୱୟଙ୍କୁ ସନ୍ଦେହରେ ପଚରାଉଚରା କରିଥିଲେ। ଏହାପରେ ଯୁବକଦ୍ୱୟ ଡକାୟତି କରିଥିବା ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ। ଶିଳ୍ପାଞ୍ଚଳ ଥାନା ଆଇଆଇସି ଶ୍ୟାମାଘନ ବେହେରା ସଦଳବଳେ ପହଞ୍ଚି ଅଭିଯୁକ୍ତଙ୍କୁ ଥାନା ହେପାଜତକୁ ନେଇଥିଲେ। ଅଭିଯୁକ୍ତଦ୍ୱୟ ଅନ୍ୟ ରାଜ୍ୟର ହୋଇଥିବା ବେଳେ ସେମାନେ ପୋଲିସ ଆଗରେ ନିଜର ଭିନ୍ନ ଭିନ୍ନ ପରିଚୟ ଓ ଠିକଣା ଦେଇଥିଲେ।

## ଉମେଶ ଚନ୍ଦ୍ର ଥିଲେ ଅନୁଷ୍ଠାନ

### ପ୍ରାକ୍ତନ ପ୍ରାଧ୍ୟାପକଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା

**ଖଇରା, ୬।୧୦(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ବିଶିଷ୍ଟ ଶିକ୍ଷାବିତ, ସାହିତ୍ୟିକ ତଥା ୫୦ରୁ ଊର୍ଦ୍ଧ୍ୱ ସଙ୍ଗଠନ ସହ ଜଡିତ ଥିବା ଖଇରା ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ସ୍ୱର୍ଗତ ଉମେଶ ଚନ୍ଦ୍ର ନାୟକଙ୍କ ବିୟୋଗରେ ଏକ ସ୍ମୃତିସଭା ରବିବାର ଖଇରା ଶିକ୍ଷକ ସଂଘ ଭବନରେ ଅନୁଷ୍ଠିତ ହୋଇଯାଇଛି। ଅନ୍ତର୍ଯ୍ୟାମୀ ପାତ୍ରଙ୍କ ଅଧ୍ୟକ୍ଷତାରେ ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ସ୍ୱର୍ଗତ ନାୟକଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଖଇରାର ଅଗ୍ରଣୀ ଅନୁଷ୍ଠାନ ପ୍ରତିଭା ପରିବାର, ଜନଜାଗରଣ ମଞ୍ଚ, ବରିଷ୍ଠ ନାଗରିକ ମଞ୍ଚ, ଅବସରପ୍ରାପ୍ତ କର୍ମଚାରୀ ସଂଘ, ଖଇରା ସାହିତ୍ୟ ସଂସଦ, ଗୋବିନ୍ଦ ପଣ୍ଡା ସ୍ମୃତି କମିଟି, ଗାୟତ୍ରୀ ପରିବାର, ରାଧାଶ୍ୟାମ ପଣ୍ଡା ସ୍ମୃତି ପରିଷଦ, କବି ବାଞ୍ଛାନିଧି ପଣ୍ଡା ସ୍ମୃତି ପରିଷଦର କର୍ମକର୍ତ୍ତା ଯୋଗଦେଇ ପିଲାବେଳୁ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ଜୀବନ ସଂଘର୍ଷମୟ ଥିବା ବେଳେ ତାଙ୍କ ମୁଖମଣ୍ଡଳରେ ଏହାର ପ୍ରତିଫଳନ ହେଉ ନ ଥିଲା ବୋଲି ପ୍ରକାଶ କରିଥିଲେ। ଅକ୍ଟୋବର ୬ତାରିଖ ତାଙ୍କର ଜନ୍ମ ତାରିଖ ଥିବା ବେଳେ ସେହି ତାରିଖରେ ଶ୍ରଦ୍ଧାଞ୍ଜଳି ସଭା ଏକ ବିଡମ୍ବନା ବୋଲି ବକ୍ତାମାନେ କହିଥିଲେ। ସେହିଭଳି ଜନଜାଗରଣ ମଞ୍ଚର ନିରଞ୍ଜନ ବେହେରାଙ୍କ ପୌରୋହିତ୍ୟରେ ମଞ୍ଚ କାର୍ଯ୍ୟାଳୟରେ ଅନ୍ୟ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା।


ସ୍ମୃତିସଭାରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା।

# ମହାନବମୀରେ ପୂଜା ପାଇବେ ନବମାତୃକା

**ବାଲେଶ୍ୱର, ୬।୧୦(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲା ରେମୁଣା ନବମାତୃକା ପୂଜା କମିଟି ଆନୁକୂଲ୍ୟରେ ପାଳନ କରାଯାଉଛି ୧୦ମ ଅଭିନବ ନବମାତୃକା ପୂଜା। ଏଥିରେ ବାଲେଶ୍ୱରର ଯଶୋଧାରା ଦାସଙ୍କୁ କବି ମା' ଭାବେ ପୂଜା କରାଯିବା ସହିତ ରେମୁଣାର ଫୁଲମଣି ମାହାର୍ଣ୍ଣାଙ୍କୁ ଚାଷୀ ମା', ନୀଳଗିରିର ସୁବାସିନୀ ଜୀଙ୍କୁ ପାଠ ମା', ବାଲିଆପାଳର ଆରତି ପାତ୍ରଙ୍କୁ କାରିଗରୀ ମା', ନୀଳଗିରିର ସୁନୀତି ସିଂଙ୍କୁ ସଂସ୍କାରୀ ମା', ସୋରର ମାଧବୀ ପଣ୍ଡାଙ୍କୁ କଳାକାର ମା', ସଦରର ଅଞ୍ଜଳି ପଣ୍ଡାଙ୍କୁ ଉଦ୍ୟୋଗୀ ମା', ପୌରାଞ୍ଚଳର ବ୍ରହ୍ମା କୁମାରୀ ପ୍ରମିଳାଙ୍କୁ ଆଧ୍ୟାତ୍ମିକ ମା' ଓ ଡା. ମୀନାକ୍ଷୀ ରାୟଙ୍କୁ ସ୍ୱାସ୍ଥ୍ୟ ମା' ଭାବରେ ଆସନ୍ତା ୧୨ତାରିଖ ମହାନବମୀରେ କ୍ଷୀରଚୋରା ଗୋପୀନାଥ ମନ୍ଦିର ସମ୍ମିଳନୀ କକ୍ଷରେ ପୂଜା କରାଯିବ।

### କ୍ଷୀରଚୋରା ଗୋପୀନାଥ ମନ୍ଦିରରେ ନିଆରା ପରମ୍ପରା

ମାତୃଭକ୍ତଙ୍କ ନବମାତୃକାଙ୍କୁ ଉପହାର ସ୍ୱରୂପ ବସ୍ତ୍ର, ଅଳଙ୍କାର, ପ୍ରଣାମୀ, ଡଲା, ମିଷ୍ଟାନ, ପ୍ରଣମ୍ୟପତ୍ର, ପ୍ରସାଦ, କଳାକୃତି, ତାଳପତ୍ର ପଙ୍ଖା, ବହି, ପତ୍ରିକା ଓ ସାପ୍ତାହିକୀ, ଫଳ ଓ ଫୁଲ ଗଛ, ଶ୍ରୀଫଳ, ଶାଗ, ପନିପରିବା ଓ ବ୍ୟାଗ୍ ପ୍ରଦାନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ରେମୁଣା ବୀଣାପାଣି କଳାନିକେତନର ଛାତ୍ରୀଛାତ୍ରଙ୍କ ଦ୍ୱାରା ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପ୍ରଣାମୀ ପରିବେଷଣ କରାଯିବାର ସ୍ଥିର ହୋଇଛି। ଆୟୋଜିତ ସାଧାରଣ ବୈଠକରେ ସଭାପତି ଡ. ଭାଗବତ ପ୍ରସାଦ ଦାସ ଅଧ୍ୟକ୍ଷତା କରିଥିଲେ। ଆବାହକ ଶିଳ୍ପୀ କେଶୁ ଦାସ, ବିଶ୍ୱଜିତ ଘୋଷ, ପ୍ରଭାକର ସାହୁ, ଯୋଗେନ୍ଦ୍ର ବେହେରା, ସୁନାମଣି ଜେନା, ସତ୍ୟଭାମା ମୁଦୁଲି, ବିକର୍ତ୍ତନ ନାୟକ, ସୁଧାକର ସେଠୀ, ବସନ୍ତ ପ୍ରଧାନ ଓ ସତ୍ୟନାରାୟଣ ପାକଳ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ରହି ଉତ୍ସବର ରୂପରେଖ ପ୍ରସ୍ତୁତ କରିଥିଲେ।

## ଦୁର୍ଗାପୂଜା ଉପଲକ୍ଷେ ରକ୍ତଦାନ ଶିବିର

**ବସ୍ତା, ୬।୧୦(ହରିଶଙ୍କର ପାଢ଼ି)**

ବସ୍ତା ଥାନା ସରଡ଼ିହା ଗ୍ରାମରେ ହେବାକୁ ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ମୁକୁନ୍ଦପୁର ଓ ସରଡ଼ିହା ଗ୍ରାମର ମିଳିତ ଆନୁକୂଲ୍ୟରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବସ୍ତା ଭାରପ୍ରାପ୍ତ ଥାନାଧିକାରୀ ଗୋବିନ୍ଦ ଚନ୍ଦ୍ର ବେହେରା, ବରିଷ୍ଠ ଭାଜପା ନେତା ଶ୍ୟାମପ୍ରସାଦ ବେହେରା, ସାମାଜିକ କର୍ମୀ ସୁମନ୍ତ ଜେନା, ଜିଲା ବ୍ଲଡ୍ ବ୍ୟାଙ୍କ କୋଅର୍ଡିନେଟର ଯୋଗଦେଇ ଉଦ୍‌ଘାଟନ କରିଥିଲେ। କମିଟି ସଭାପତି ଜୟଦେବ ଭୂୟାଁ, ସମ୍ପାଦକ ଲମ୍ବୋଦର ତରାଇ, ବ୍ଲଡ କ୍ୟାମ୍ପ କୋଅର୍ଡିନେଟର ଶମ୍ଭୁନାଥ ଭୂୟାଁ ପ୍ରମୁଖ ପରିଚାଳନା କରିଥିଲେ। କମିଟି ସମ୍ପାଦକ ଲମ୍ବୋଦର ତରାଇ ଧନ୍ୟବାଦ ଦେଇଥିଲେ।

# ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ

**ସୋର, ୬।୧୦(ଜନ୍ମେଜୟ ମିଶ୍ର)**

ସୋର ପୌରପାଳିକା ଅଧୀନ ଗ୍ରାମ୍ୟ ଉନ୍ନୟନ ଡାକବଙ୍ଗଳାରେ ରବିବାର ସନ୍ଧ୍ୟାରେ ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୋର ନଗର ସଭାପତି ସୁକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟକ ମାଧବ ଧଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ସୋରରୁ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ କ୍ରିକେଟ ଖେଳିବା ପାଇଁ ମନୋନୀତ ହୋଇଥିବା କୁଦଣ୍ଡପୁର ଗ୍ରାମର ଖେଳାଳି ସୋମନାଥ ଦାସ ଏବଂ ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ପଦକ ଜିତିଥିବା ସୋରରୁ ୧୪ ଜଣ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଙ୍କେଶ ବେହେରା, ମହେଶ ବେହେରା, ସ୍ମୃତିରଞ୍ଜନ ମହାନ୍ତି, ନିରଞ୍ଜନ ପଣ୍ଡା, ଫକୀରମୋହନ ଦାସ, ପାରିଷଦ ରମେଶ ସିଂହ, ଅଶୋକ ପାତ୍ର, ଲୋକନାଥ ରାଉତ, ସେକ ଲିଆକତ ଅଲ୍ଲୀ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏଥିରେ ରାଜ୍ୟ ଟାଏକୋଣ୍ଡୋ କୋଚ ତଥା ସୋର ଟାଏକୋଣ୍ଡୋ ଆସୋସିଏଶନର କୋଚ ଅତାଉଲ୍ଲା ଖାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।


କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଅଣ୍ଡିଆ ନାଳକୁ ଧସିଲା ବାଇଗଣବାଡ଼ିଆ-କାଳିକାପୁର ରାସ୍ତା

**ଜଳେଶ୍ୱର, ୬।୧୦(ରବିନାରାୟଣ ପାତ୍ର)**

ଜଳେଶ୍ୱର ବ୍ଲକ ଅଧୀନ ବାଇଗଣବାଡିଆ ପଞ୍ଚାୟତର ଏକ ରାସ୍ତା ଅଣ୍ଡିଆ ନାଳକୁ ଧସି ଯାଇଥିବା ଜଣାଯାଇଛି। ଫଳରେ ଗମନା ଗମନରେ ଅସୁବିଧା ସୃଷ୍ଟି ହେଉଛି।

ଜଳେଶ୍ୱର ବ୍ଲକର କାଳିକାପୁର–ବାଇଗଣବାଡିଆ ରାସ୍ତା ଝାଡପିମ୍ପଳ, ବାଇଗଣବାଡିଆ ପଞ୍ଚାୟତର ମୁଖ୍ୟ ରାସ୍ତା ଅଟେ । ଗତ କିଛିଦିନ ପୂର୍ବରୁ କମର୍ଦ୍ଦା ବାଲିଆପାଳ ରାସ୍ତାର ବାଇଗଣବାଡିଆ ନିକଟ ସୁବର୍ଣ୍ଣରେଖା ନଦୀ ନିକଟରେ ୧୦୦ମିଟର ଲମ୍ବର ମୁଖ୍ୟ ରାସ୍ତା ଦବିଯାଇଥିବା ବେଳେ ଏବେ ସେଠାରୁ ଅନତି ଦୂର ଅନ୍ୟ ଏକ ରାସ୍ତାର କେତେକାଂଶ ଧସିଯିବା ନେଇ ଲୋକଙ୍କ ମନରେ ଭୟ ସଞ୍ଚାର ହୋଇଛି। ଗତ କିଛିଦିନ ତଳେ କାଳିକାପୁର ଗାଁ ଦେଇ ଯାଇଥିବା ଅଣ୍ଡିଆଖାଳ ନିକଟ ରାଧାଶ୍ୟାମ ଦାସଙ୍କ ଘର ଆଗରେ ଏପରି ହେବାର ଏକ ସୂଚନା ମିଳିଥିଲା। ଏ ସମ୍ପର୍କରେ ଜଳ ସମ୍ପଦ ବିଭାଗକୁ ସ୍ଥାନୀୟ ଲୋକେ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ୨ଦିନ ତଳେ ହଠାତ୍ ସେଠାରୁ ମାଟି ଧସିଯିବାରୁ ରାସ୍ତାରେ ଯାତାୟାତ ବ୍ୟାହତ ହୋଇଛି। ନିକଟରେ ଥିବା ଦୁର୍ଗାମନ୍ଦିର ଓ ୪/୫ଜଣଙ୍କ ବାସଭବନ ପ୍ରତି ବିପଦ ଦେଖାଦେଇଛି। ଅଣ୍ଡିଆଖାଳରେ ଏକ ଗାଡୱାଲ ନିର୍ମାଣ କରି ରାସ୍ତା ମରାମତି କରି ଧନଜୀବନ ରକ୍ଷା କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗର ସହକାରୀ ଯନ୍ତ୍ରୀ ପ୍ରିୟବ୍ରତ ସିଂଙ୍କୁ ପଚାରିବାରୁ ଅତିଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି।


ନାଳକୁ ଧସି ଯାଇଥିବା ରାସ୍ତା।

## ପ୍ରତିଶ୍ରୁତି ପରେ ଛାତ୍ର ଆନ୍ଦୋଳନ ପ୍ରତ୍ୟାହୃତ


ଆନ୍ଦୋଳନରେ ବସିଥିବା ଛାତ୍ରୀଛାତ୍ରମାନେ।

ବାରିପଦା,୬।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ): ବାରିପଦା ତକତପୁରସ୍ଥିତ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦାବି ସପ୍ତାହ ମଧ୍ୟରେ ପୂରଣ ହେବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ ଆନ୍ଦୋଳନ ସ୍ଥଳରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରି ଦାବି ପୂରଣ କରାଯିବ ବୋଲି କହିଥିଲେ। ଉକ୍ତ ମହାବିଦ୍ୟାଳୟ ରାଜ୍ୟରେ ଏକ ଅନନ୍ୟ ପରିଚୟ ସୃଷ୍ଟି କରିଛି। କିନ୍ତୁ ମହାବିଦ୍ୟାଳୟରେ ଅନେକ ସମସ୍ୟା ଲାଗି ରହିଛି। ଆଦିବାସୀ ଛାତ୍ରୀଛାତ୍ରମାନଙ୍କ ପାଇଁ ଏକ ଟିଆରଡବ୍ଲୁ ହଷ୍ଟେଲ ବ୍ୟବସ୍ଥା ରହିଥିବା ବେଳେ ତାହା କାର୍ଯ୍ୟକ୍ଷମ ହେଉନାହିଁ। ଗତ ୨୦୨୦ରୁ ହଷ୍ଟେଲର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ତାଲା ବନ୍ଦ ହୋଇ ରହିଛି। ଯାହାଫଳରେ ଛାତ୍ରୀଛାତ୍ରମାନେ ଘରୋଇ ମେସମାନଙ୍କରେ ରହିବାକୁ ବାଧ ହେଉଛନ୍ତି। ତେଣୁ ହଷ୍ଟେଲ ଖୋଲିବାକୁ ଦାବି ହୋଇଛି। ଏଥି ସହିତ ହଷ୍ଟେଲରେ ଇନଭର୍ଟର ବ୍ୟବସ୍ଥା କରିବା, ଶୌଚାଳୟଗୁଡ଼ିକ ସଫେଇ କରିବା, କ୍ରୀଡ଼ା ସରଞ୍ଜାମ ଉପଲବ୍ଧ କରାଇବା, ପୂର୍ବ ବର୍ଷମାନଙ୍କ ପରୀକ୍ଷା ପ୍ରଶ୍ନପତ୍ର ୱେବ ସାଇଟରେ ଉପଲବ୍ଧ କରାଇବା, ମଲ୍ଟି ଜିମର ବ୍ୟବସ୍ଥା କରିବା, ବାଳକ କମନରୁମ ବ୍ୟବସ୍ଥା କରିବା ଆଦି ଦାବି ରହିଛି। ଏନେଇ ପୂର୍ବରୁ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ କୋଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଯାହାକୁ ନେଇ ଛାତ୍ରୀଛାତ୍ରମାନେ ବାରମ୍ବାର ଆନ୍ଦୋଳନ କରିଥିଲେ। କଲେଜ କର୍ତ୍ତୃପକ୍ଷ ଆନ୍ଦୋଳନରତ ଛାତ୍ରୀଛାତ୍ରମାନଙ୍କ ସମେତ ଆଲୋଚନା କରିଥିବା ବେଳେ କୌଣସି ସମାଧାନ ହୋଇ ନ ଥିଲା। ଦାବି ପୂରଣକୁ ନେଇ ଛାତ୍ରୀଛାତ୍ର ୬ଦିନ ହେଲା ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ଦାବି ପୂରଣ ନେଇ ଆଗକୁ ପଦକ୍ଷେପ ଗ୍ରହଣ କରା ନ ଗଲେ ପୁଣି ଆନ୍ଦୋଳନ ହେବ ବୋଲି ଛାତ୍ରୀଛାତ୍ରମାନେ ଚେତାବନୀ ଦେଇଛନ୍ତି।

**ସଂକ୍ଷେପରେ**

## ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଉଦ୍‌ଯାପିତ

ଭଦ୍ରକ,୬।୧୦(ରବି ନାରାୟଣ ଖିଲାର)

ଭଦ୍ରକ ଜନ ଶିକ୍ଷଣ ସଂସ୍ଥାନ ପକ୍ଷରୁ ସ୍ୱଚ୍ଛତା ହିଁ ସେବା ପକ୍ଷ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଭଦ୍ରକ ବସ୍‌ଷ୍ଟାଣ୍ଡ, ରେଳ ଷ୍ଟେଶନ ପରିସର, ବାଗୁରାଇ ଆଦିବାସୀ କଲୋନୀ ଚତୁଃପାର୍ଶ୍ୱ ଏବଂ ଜନ ଶିକ୍ଷଣ ସଂସ୍ଥାନ ଅଫିସ ପରିସରରେ ସଫେଇ କରାଯାଇଥିଲା। ଜନ ସଚେତନତା ପାଇଁ ପଦଯାତ୍ରା ଏବଂ ଶପଥ ପାଠ କରାଯାଇଥିଲା। ଜନ ଶିକ୍ଷଣ ସଂସ୍ଥାନର ନିର୍ଦ୍ଦେଶିକା ଆରତୀ ସାହୁଙ୍କ ପୌରହିତ୍ୟରେ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ସାମାଜିକକର୍ମୀ ସଂଗ୍ରାମ କେଶରୀ ମହାନ୍ତି ଏବଂ ସାଲେହା ଖାତୁନ, ପୁରୁଷୋତ୍ତମ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ଜନଶିକ୍ଷଣ ସଂସ୍ଥାନର ପ୍ରୋଗ୍ରାମ ଅଫିସର ମିଲୁ କୁମାର ମହାନ୍ତି, ଆସିଷ୍ଟାଣ୍ଟ ପ୍ରୋଗ୍ରାମ ଅଫିସର ଗଜେନ୍ଦ୍ର କୁମାର ସାହୁ, ଆକାଉଣ୍ଟସ ଅଫିସର ବିଶ୍ୱନାଥ ବେହେରା, କମ୍ପ୍ୟୁଟର ଅପରେଟର ରଶ୍ମିରଞ୍ଜନ ସାହୁ ଏବଂ ଫିଲ୍ଡ ଅଫିସର ସବିତା ଯେନା ପରିଚାଳନାରେ ସହାୟତା କରିଥିଲେ।

## ଅକ୍ଟୋବରର ମିଳିତ ଜନଶୁଣାଣି କାର୍ଯ୍ୟସୂଚୀ

ଭଦ୍ରକ,୬।୧୦(ସନାତନ ରାଉତ)

ଭଦ୍ରକ ଜିଲା ପ୍ରଶାସନ ଆନୁକୂଲ୍ୟରେ ଅକ୍ଟୋବରର ପ୍ରତି ସୋମବାର ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରର କାର୍ଯ୍ୟସୂଚୀ ପ୍ରଦାନ କରାଯାଇଛି। ୭ ତାରିଖ ପ୍ରଥମ ସୋମବାର ଜିଲା କାର୍ଯ୍ୟାଳୟରେ, ୧୪ ତାରିଖ ସୋମବାର ଭଣ୍ଡାରିପୋଖରୀ ବ୍ଲକ୍ କାର୍ଯ୍ୟାଳୟରେ, ୨୧ ତାରିଖ ସୋମବାର ଧାମନଗର ବ୍ଲକ୍ କାର୍ଯ୍ୟାଳୟ ଓ ୨୮ ତାରିଖ ସୋମବାର ତିହିଡ଼ି ବ୍ଲକ୍ କାର୍ଯ୍ୟାଳୟରେ ଏହି ଶିବିର ଅନୁଷ୍ଠିତ ହେବ। ବ୍ୟକ୍ତିଗତ ବା ସାମୂହିକ ସମସ୍ୟା ସବୁର ସମାଧାନ ନିମନ୍ତେ ଜିଲାପାଳଙ୍କଠାରେ ଅଭିଯୋଗ ଉପସ୍ଥାପନ କରିବାକୁ ଚାହୁଁଥିବା ଜନସାଧାରଣ ଏହି ଶିବିରରେ ପହଞ୍ଚି ସୁଯୋଗ ନେଇ ପାରିବେ। ସୋମବାର ଛୁଟି ଥିଲେ ପରବର୍ତ୍ତୀ ବାରରେ ଶିବିର ଆୟୋଜନ ହେବ।

## ୧୧୦ ୟୁନିଟ ରକ୍ତ ସଂଗ୍ରହ

ଧାମନଗର(ଦେବେନ୍ଦ୍ର ଆନ୍ଦିଆ)/ଅସୁରାଳି (ସନ୍ତୋଷ ପ୍ରଧାନ),୬।୧୦

ଧାମନଗର ବ୍ଲକ ଅସୁରାଳିଠାରେ ବିଜୁ ଯୁବ ଜନତା ଦଳ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବିଭିନ୍ନ ପଞ୍ଚାୟତର ଦଳୀୟ କର୍ମୀ, ମହିଳା, ପୁରୁଷ ଏବଂ ଯୁବ ଗୋଷ୍ଠୀ ସାମିଲ ହୋଇ ମୋଟ ୧୧୦ ୟୁନିଟ ରକ୍ତଦାନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ରକ୍ତ ସଂଗ୍ରହକାରୀ ଡାକ୍ତର ଓ ସହକର୍ମୀମାନେ ଏହି ରକ୍ତ ସଂଗ୍ରହ କରିଥିଲେ। କାର୍ଯ୍ୟକ୍ରମକୁ ଡା.ସଞ୍ଜୟ ଦାସ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ ନାୟକ, ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ଜିଲାପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ ଏବଂ ଶାରଦା ପ୍ରସନ୍ନ ସାହୁ,ଏନ୍‌ଏସି ଉପାଧ୍ୟକ୍ଷ ଏମଡି ନୁରାନୀ, ଦଳର ବ୍ଲକ ସଭାପତି ଉମେଶ ମହାନ୍ତି, ନଗର ସଭାପତି ଶୁଶାନ୍ତ ରାଉତ, ପୂର୍ବତନ ସମିତି ସଭ୍ୟ ପ୍ରତାପ ସାମଲ, ଭାନୁ ପ୍ରକାଶ ପଲାଇ ପ୍ରମୁଖ ଯୋଗଦେଇ ରକ୍ତ ଦାତାଙ୍କୁ ଉତ୍ସାହିତ କରିଥିଲେ।

# ମେଲାଣି ନେଲେ ବୁଢ଼ାଗଣେଶ

ଭଦ୍ରକ,୬।୧୦(ସନାତନ ରାଉତ)

**ମୁଖ୍ୟ ଆକର୍ଷଣ ମୋଗଲ ସମ୍ରାଟ**



ବାବା ବୁଢ଼ାଗଣେଶଙ୍କୁ ଭସାଣି ଶୋଭାଯାତ୍ରାରେ ନିଆଯାଉଛି।

ଭଦ୍ରକ ପୁରୁଣାବଜାରରେ ଦୀର୍ଘ ଏକ ମାସ ଧରି ପୂଜା ପାଉଥିବା ବାବା ବୁଢ଼ାଗଣେଶ ରବିବାର ମେଲାଣି ନେଇଛନ୍ତି। ବିଭିନ୍ନ ପାରମ୍ପରିକ ବାଦ୍ୟ, ନୃତ୍ୟ ସହ ଏକ ବିରାଟ ଶୋଭାଯାତ୍ରାରେ ପୁରୁଣାବଜାର ଅଞ୍ଚଳ ପରିକ୍ରମା ପରେ ବୁଢ଼ାଗଣେଶଙ୍କୁ ବିଦାୟ ଦିଆଯାଇଛି। ମୋଗଲ ଶାସନ କାଳରୁ ବୁଢ଼ା ଗଣେଶଙ୍କ ପୂଜା ହୋଇ ଆସୁଥିବାରୁ ମୋଗଲ ତାମସା ସହ ଏହି ପୂଜାର ସମ୍ପର୍କ ରହିଛି। ଭସାଣିରେ ମୋଗଲ ସମ୍ରାଟ ବିରାଜିତ ହୋଇଥିବା ବେଳେ ମୋଗଲ ତାମସାର ଧୂନ୍ ମୁଖ୍ୟ ଆକର୍ଷଣ ସାଜିଥିଲା। ରାଜ୍ୟର ବିଭିନ୍ନ ଜିଲାରୁ ୨୦ରୁ ଊର୍ଦ୍ଧ୍ୱ ବିଭିନ୍ନ କିସମର ବାଦ୍ୟ, ସାଂସ୍କୃତିକ ଟିମ୍ ସମେତ ରାଜ୍ୟ ବାହାରୁ ବିଭିନ୍ନ ପାରମ୍ପରିକ ବାଦ୍ୟ ଓ ନୃତ୍ୟ ଦଳଙ୍କୁ ନେଇ ଆନନ୍ଦଉଲ୍ଲାସରେ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କମିଟିର ଉପଦେଷ୍ଟା ବିଦ୍ୟାଧର ସାହୁ, ସଭାପତି ଅଜୟ କୁମାର ସାହୁ, ସମ୍ପାଦକ ମନୋରଞ୍ଜନ ସାହୁ, ସହସମ୍ପାଦକ ପର୍ଶୁନାଥ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଭସାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭସାଣି ଶୋଭାଯାତ୍ରାରେ ଉଭୟ ହିନ୍ଦୁ ଓ ମୁସଲିମ୍ ସମ୍ପ୍ରଦାୟର ହଜାର ହଜାର ସଂଖ୍ୟାର ଲୋକ ଯୋଗ ଦେଇଥିବା ବେଳେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଭଦ୍ରକ ଏସ୍‌ପି ମଡକର ସନ୍ଦୀପ ସମ୍ପଦଙ୍କ ନେତୃତ୍ୱରେ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ପୁରୁଣାବଜାର ଥାନାଧିକାରୀ ନୀରୋଜ ସାମଲ, ଗ୍ରାମାଞ୍ଚଳ ଥାନାଧିକାରୀ ଅମିତାଭ ଦାଶଙ୍କ ଉପସ୍ଥିତିରେ ଶହେ ଅଫିସର୍ ଓ ୧୮ ପ୍ଲାଟୁନ ଫୋର୍ସ ମୁତୟନ ରହିଛନ୍ତି।

# ରୋଗୀଙ୍କୁ ମିଳିବ ମାଗଣା ଯାତାୟାତ ସୁବିଧା




ବ୍ୟାଟେରି ଚାଳିତ ଯାନକୁ ପତାକା ଦେଖାଇ ମନ୍ତ୍ରୀ ଉଦ୍‌ଘାଟନ କରୁଛନ୍ତି।

**ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ**

**ସମ୍ପର୍କୀୟଙ୍କୁ ମିଳିବ ଦୁଇଓଳି ଖାଇବା**

ଭଦ୍ରକ,୬।୧୦(ସନାତନ ରାଉତ)

ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ମାଗଣାରେ ଯାତାୟାତ କରିବା ପାଇଁ ଫୁଲରାଣୀ ଫାଉଣ୍ଡେସନ ପକ୍ଷରୁ ଏକ ବ୍ୟାଟେରି ଚାଳିତ ଯାନ ପ୍ରଦାନ କରାଯାଇଛି। ନୂଆ ହସ୍ପିଟାଲରୁ ପୁରୁଣା ହସ୍ପିଟାଲକୁ ଯାତାୟାତ, ବସ୍‌ଷ୍ଟାଣ୍ଡରୁ ରେଲୱେ ଷ୍ଟେଶନକୁ ରୋଗୀଙ୍କୁ ନେବା ଆଣିବା କାର୍ଯ୍ୟରେ ନିଃଶୁଳ୍କ ସେବା ଯୋଗାଇଦେବା ପାଇଁ ଫାଉଣ୍ଡେଶନ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଏହି ବ୍ୟାଟେରି ଚାଳିତ ଯାନ ପ୍ରଦାନ କରାଯାଇଛି। ରବିବାର ଅପରାହ୍ନରେ ଏହି ବ୍ୟାଟେରୀ ଚାଳିତ ଯାନକୁ ପତାକା ଦେଖାଇ ମୁଖ୍ୟ ଅତିଥିଭାବେ କ୍ରୀଡ଼ା ଯୁବ ବ୍ୟାପାର ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉଦ୍‌ଘାଟନ କରିଛନ୍ତି।

ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ରୋଗୀଙ୍କୁ ସ୍ଥାନାନ୍ତରରେ ଏହି ବ୍ୟାଟେରୀ ଚାଳିତ ଯାନ ସହାୟକ ହେବ। ଏହାବ୍ୟତୀତ ରୋଗୀମାନଙ୍କୁ ମେଡିକାଲ ପକ୍ଷରୁ ଖାଦ୍ୟ ଯୋଗାଇ ଦିଆଯାଉଥିବା ବେଳେ ସେମାନଙ୍କ ସମ୍ପର୍କୀୟଙ୍କୁ ଭୁବନେଶ୍ୱରର କର୍ତ୍ତବ୍ୟ ଫାଉଣ୍ଡେଶନ ପକ୍ଷରୁ ଆସନ୍ତା ନଭେମ୍ବର ମାସ କାର୍ତ୍ତିକ ପୂର୍ଣ୍ଣିମାଠାରୁ ମଧ୍ୟାହ୍ନ ଓ ରାତିରେ ଦୁଇଓଳି ୨୫୦ରୁ ୩ଶହ ଲୋକଙ୍କୁ ଖାଦ୍ୟ ଯୋଗାଇଦେବେ ବୋଲି ସୂଚନା ଦେଇଛନ୍ତି। ଏହି ଖାଦ୍ୟ ମାନ ପରୀକ୍ଷଣ କରାଯାଇ ପ୍ରଦାନ କରାଯିବ। ସେହିପରି ଭଦ୍ରକ ଜିଲାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର ହେଉଥିବା ରୋଗୀମାନଙ୍କୁ ସେଠାରେ ସାହାର୍ଯ୍ୟ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଆସନ୍ତା ମାସରେ ସ୍ୱେଚ୍ଛାସେବୀ ନିୟୋଜିତ ହେବେ ବୋଲି କହିଛନ୍ତି। ଅନ୍ୟତମ ଅତିଥିଭାବେ ଜିଲାପାଳ ଦିଲୀପ ରାଉତରାଏ, ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧୀର ରଞ୍ଜନ ନାୟକ, ଡିପିଏମ୍ ସରିତା ମହାପାତ୍ର, ଫୁଲରାଣୀ ଫାଉଣ୍ଡେଶନର ନିର୍ଦ୍ଦେଶକ ପୀତାମ୍ବର ବିଶ୍ୱାଳ, ଅନୁସୟା ବିଶ୍ୱାଳ ଯୋଗ ଦେଇଥିଲେ। ଫାଉଣ୍ଡେଶନର ସଦସ୍ୟ କଳିଙ୍ଗ ବିଶ୍ୱାଳ, ଜିତେନ୍ଦ୍ର ବିଶ୍ୱାଳ, ପୁଷ୍ପଲତା ବେହେରା, ସ୍ମିତିରଞ୍ଜନ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କୋଇଲା ଚୋରି: ଧରାପଡ଼ିଲେ ଅଭିଯୁକ୍ତ ବାୟା

ତିହିଡ଼ି,୬।୧୦(ସଞ୍ଜିତ ବଳ)

ଭଦ୍ରକ-ଧାମରା ରେଳପଥରୁ କୋଇଲା ଚୋରି କରି ଚାଲାଣ କରୁଥିବା ଭଗବାନ ଦାସ ଓରଫ ବାୟାଙ୍କୁ ରବିବାର ତିହିଡ଼ି ପୋଲିସ ଗିରଫ କରିଛି। ତାଙ୍କ ଘର ତିହିଡ଼ି ଥାନା ନୂଆନନ୍ଦ ପଞ୍ଚାୟତ ଅଧୀନ ହାଟୁଆରୀ ଗ୍ରାମରେ। ତାଙ୍କ ନାଁରେ ତିହିଡ଼ି ସମେତ ବିଭିନ୍ନ ଥାନାରେ ୩୦ରୁ ଊର୍ଦ୍ଧ୍ୱ ମୋକଦ୍ଦମା ଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି।



ଗିରଫ ଅଭିଯୁକ୍ତ ଭଗବାନ ଦାସ

ତେବେ ତିହିଡ଼ି ଥାନାରେ ଭଗବାନଙ୍କ ନାଁରେ ଥିବା ୪ଟି ୱାରେଣ୍ଟ ବଳରେ ତାଙ୍କୁ ଗିରଫ କରାଯାଇଥିବା ଆଇଆଇସି ପ୍ରସନ୍ନ କୁମାର ନାୟକ ସୂଚନା ଦେଇଛନ୍ତି। ମାମଲା (ନଂ ୪୭୫/୨୩, ୧୬୮୦/୨୩, ୧୦୭୦/୨୩ ଓ ୨୦୯୧/୧୪)ରେ ତାଙ୍କ ନାଁରେ ୱାରେଣ୍ଟ ଥିବା ବେଳେ କେବଳ ତିହିଡ଼ି ଥାନାରେ ବାୟାଙ୍କ ନାଁରେ ୨୫ଟି ମୋକଦ୍ଦମା ରହିଛି। ବାୟା ତାଙ୍କ ଅଞ୍ଚଳ ଦେଇ ଯାଇଥିବା ରେଳପଥରୁ ନିୟମିତ କୋଇଲା ଚୋରି କରିବାକୁ ଏକ ଦଳ ଗଠନ କରିଥିଲେ ଏବଂ ନିଜେ ସେହି ଦଳର ମୁଖିଆ ସାଜିଥିଲେ। ଟ୍ରେନରୁ କୋଇଲା ଚୋରି କରିବା ପରେ ଏହାକୁ ବିଭିନ୍ନ ଅଞ୍ଚଳକୁ ଚାଲାଣ କରି ମୋଟା ଅଙ୍କର ଅର୍ଥ ଉପାର୍ଜନ କରୁଥିଲେ। ବିଗତ କିଛି ବର୍ଷ ହେଲା ସେ ଏହି କାରବାର ସହ ସମ୍ପୃକ୍ତ ଥିବା ପୋଲିସ କହିଛି। ଏହା ବ୍ୟତୀତ ବିଭିନ୍ନ ଲୋକଙ୍କୁ ଧମକ ଦେବା ସହ ଭଦ୍ରକ-ଚାନ୍ଦବାଲି ରାସ୍ତାରେ ବଟି ଆଦାୟ କରିବା କାର୍ଯ୍ୟରେ ସେ ସମ୍ପୃକ୍ତ ଥିଲେ। ତିହିଡ଼ି ସମେତ ଭଦ୍ରକ ଗ୍ରାମାଞ୍ଚଳ ଥାନା, ବାସୁଦେବପୁର, ସାବରଙ୍ଗ ଓ ଭଣ୍ଡାରିପୋଖରୀ ଥାନାରେ ତାଙ୍କ ନାଁରେ ଏକାଧିକ ଆପରାଧିକ ମାମଲା ରହିଛି। ନୂତନ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ କୋଇଲା ମାଫିଆମାନଙ୍କୁ ଗିରଫ କରିବାକୁ ଗତ କିଛିଦିନ ହେଲା ଜାଲ ବିଛାଇ ବାୟାଙ୍କୁ ଗିରଫ କରିବାରେ ସଫଳ ହୋଇଛି। ତେବେ ନିୟମିତ କୋଇଲା ଚୋରି କରି ଚାଲାଣ କରୁଥିବା ଅନ୍ୟ ଅଭିଯୁକ୍ତଙ୍କ ଉପରେ ପୋଲିସ ନଜର ରଖିଛି ଏବଂ ସେମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଆଇଆଇସି ନାୟକ କହିଛନ୍ତି।

## ବିରଳ ବୌଦ୍ଧମୂର୍ତ୍ତି ବୌଦ୍ଧବିହାରକୁ ହସ୍ତାନ୍ତର

ଭଣ୍ଡାରିପୋଖରୀ, ୬।୧୦(ରାଜେନ୍ଦ୍ର ଶତପଥି)



ଉଦ୍ଧାର ବୌଦ୍ଧମୂର୍ତ୍ତି।

ଭଣ୍ଡାରିପୋଖରୀ ବ୍ଲକ ମଣିନାଥପୁର ଗ୍ରାମର ନୂଆସାହିରୁ ଏକ ବିରଳ ବୌଦ୍ଧମୂର୍ତ୍ତି ଶିଳା ଆବିଷ୍କୃତ ହୋଇଛି। ଏହି ଶିଳାରେ ବୁଦ୍ଧ ବୌଦ୍ଧତ୍ୱପ୍ରାପ୍ତି ପରେ ବୋଧଗୟାଠାରେ ଅଶ୍ୱତ୍ଥ ବୃକ୍ଷ ମୂଳେ ଧ୍ୟାନମୁଦ୍ରାରେ ଉପବେଶନ କରିଥିବା ଚିତ୍ରିତ ହୋଇଛି। ଦୁଇପାର୍ଶ୍ୱରେ ପରିଚାରିକା ଚାମର ସେବା ଯୋଗାଉଛନ୍ତି। ବୁଦ୍ଧଦେବ ଶିଷ୍ୟମାନଙ୍କୁ ଶିକ୍ଷା ଦେଉଛନ୍ତି। ଶିଳାର ମଧ୍ୟଭାଗରେ ଏକ ଅଶ୍ୱତ୍ଥ ବୃକ୍ଷ ଖୋଦେଇ ହୋଇଛି। ଶିଳାର ନିମ୍ନଭାଗର ଉଭୟ ପାର୍ଶ୍ୱରେ ବୌଦ୍ଧଭିକ୍ଷୁମାନେ ଧର୍ମୋପଦେଶ ଗ୍ରହଣ କରୁଛନ୍ତି। ଖାଣ୍ଡେଲାଇଟ ପ୍ରସ୍ତରରେ ଚିତ୍ରିତ ଏହି ଶିଳା ସପ୍ତମ କିମ୍ବା ଅଷ୍ଟମ ଶତାବ୍ଦୀର ବୋଲି ଅନୁମାନ କରିଛନ୍ତି ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ୍ ଡ. ସୁନୀଲ ପଟ୍ଟନାୟକ। ସମ୍ଭବତଃ ଏଭଳି ଶିଳା ଉପଲବ୍ଧ ହେବା ଭାରତରେ ବିରଳ ବୋଲି ଡ. ପଟ୍ଟନାୟକ ମତପୋଷଣ କରିଛନ୍ତି। ବୌଦ୍ଧବିହାର ପ୍ରବେଶ ଦ୍ୱାରରେ ଏଭଳି ଚିତ୍ରିତ ଶିଳାଖଣ୍ଡ ବ୍ୟବହୃତ ହୋଇଥାଏ। ଏହି ଶିଳା ସମ୍ପୃକ୍ତ ଗ୍ରାମର ଗୋଲକ ନାଥଙ୍କୁ ୪୦ବର୍ଷ ପୂର୍ବେ କୂଅ ଖୋଳିଲା ବେଳେ ମିଳିଥିଲା। ଗୋଲକଙ୍କ ପରିବାର ଏହାକୁ ଦେବାଦେବୀ ମୂର୍ତ୍ତି ଭାବେ ପୂଜାର୍ଚ୍ଚନା କରିଆସୁଥିଲେ। ଗତ କିଛି ବର୍ଷ ହେବ ଏହା ପରିତ୍ୟକ୍ତ ଅବସ୍ଥାରେ ପଡିରହିଥିଲା। ଗୋଲକଙ୍କ ସାନପୁଅ ପ୍ରତାପ ଏ ସମ୍ପର୍କରେ ଇନ୍‌ଟାକ୍ ସଦସ୍ୟ ବିଶ୍ୱମ୍ଭର ରାଉତଙ୍କୁ ଜଣାଇଥିଲେ। ଗୁରୁଜୀ ଶରତ ଚନ୍ଦ୍ର ବେହୁରିଆଙ୍କ ସହଯୋଗରେ ବିଶ୍ୱମ୍ଭର ଶିଳାକୁ ଉଦ୍ଧାର କରି ପ୍ରତ୍ନତତ୍ତ୍ୱବିତ୍ ଡଃ ପଟ୍ଟନାୟକଙ୍କୁ ଜଣାଇଥିଲେ। ଏହି ବିରଳ ମୂର୍ତ୍ତି ଖୋଲମପୁର ବୌଦ୍ଧବିହାର ସଂଗ୍ରହାଳୟକୁ ସ୍ଥାନାନ୍ତର ହୋଇଛି। ଏହି ବୌଦ୍ଧବିହାର ସମ୍ପର୍କରେ ଉଚ୍ଚତର ଗବେଷଣା ପାଇଁ ସରକାର ପଦକ୍ଷେପ ନିଅନ୍ତୁ ବୋଲି ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ଶ୍ରୀରାମ ସେନା, ଭାରତ ହିନ୍ଦୁ ଏକତା ସଂଘର କାର୍ଯ୍ୟକାରିଣୀ

ଭଦ୍ରକ, ୬।୧୦(ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଶ୍ରୀରାମ ସେନା, ଭାରତ ହିନ୍ଦୁ ଏକତା ସଂଘ ପକ୍ଷରୁ ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶ୍ରୀରାମ ସେନା ସଦସ୍ୟ କୁଳମଣି ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଶ୍ରୀରାମ ସେନା ଭାରତ ହିନ୍ଦୁ ଏକତା ସଂଘର ଗୁରୁଜୀ ବିନୟ ସିଂ ଯୋଗଦେଇ ମଠ, ମନ୍ଦିର ଧର୍ମ ସଂସ୍କୃତିର ସୁରକ୍ଷା ସହିତ ସନାତନ ଧର୍ମ ସମ୍ବନ୍ଧୀୟ ଶିକ୍ଷାଦାନ ଏବଂ ମାତୃଭୂମି, ମାତୃଭାଷାର ସୁରକ୍ଷା, ଗୋମାତାଙ୍କ ସୁରକ୍ଷା ଇତ୍ୟାଦି ଉପରେ ବକ୍ତବ୍ୟ ରଖିଥିଲେ। ଏହା ଛଡ଼ା ସରକାରଙ୍କୁ ମଠ ମନ୍ଦିର ସହିତ ତୁରନ୍ତ ସନାତନ ସଂସ୍କୃତି ସମ୍ପର୍କିତ ଆଧ୍ୟାତ୍ମିକ ଅଧ୍ୟୟନ ପାଇଁ ବିଦ୍ୟାଳୟ ଖୋଲିବାକୁ ଦାବି କରାଯାଉଛି। ଆଗାମୀ ଦିନରେ ଶ୍ରୀରାମ ସେନା ଏକ ବଡ଼ ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେବ ବୋଲି କହିଛନ୍ତି। ଅନ୍ୟ ମଞ୍ଚାସୀନ ଅତିଥିଭାବେ ଶ୍ରୀରାମ ସେନା ଓଡ଼ିଶା ପ୍ରଦେଶ ସଭାପତି ଶ୍ରୀନାଥ ସେଠୀ, ଏକତା ରକ୍ଷା କରି ସଂଗଠନକୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ। ସେହିପରି ମଞ୍ଚାସୀନ ପ୍ରଦେଶ ପରିଚାଳକ ଉଦିତ ନାରାୟଣ ଗିରି, ପ୍ରଦେଶ କୋଷାଧ୍ୟକ୍ଷ ଭୋଳାନାଥ ବିହାରୀ, ରାଜ୍ୟ ସାଧାରଣ ସମ୍ପାଦକ ତପନ ମହାନ୍ତି, ସେନାର ରାଜ୍ୟ ଜାନକୀ ବାହିନୀ ପ୍ରଦେଶ ସଭାନେତ୍ରୀ ସ୍ମିତା ମହାନ୍ତି, ଜିଲା ମୁଖ୍ୟ ଉପଦେଷ୍ଟା ଜ୍ଞାନ ପ୍ରକାଶ ପାଣି, ଜିଲା ସଭାପତି ହରିହର ଚାନ୍ଦ, ମୁଖ୍ୟ ବକ୍ତାଭାବେ ପଣ୍ଡିତ ଜଗଦୀଶ ନନ୍ଦ, ଅଚ୍ୟୁତାନନ୍ଦ ବ୍ରହ୍ମଚାରୀ ବକ୍ତବ୍ୟ ରଖିଥିଲେ। ଜିଲା କୋଷାଧ୍ୟକ୍ଷ ରାଧାଶ୍ୟାମ ମହାନ୍ତି ମଞ୍ଚ ଅତିଥି ଆମନ୍ତ୍ରଣ କରିଥିଲେ। ବ୍ଲକ୍ ସମ୍ପାଦକ ଅଜୟ ମହାନ୍ତି, ଅଭୟ ଖଟୁଆ, ସରୋଜ ନାୟକ, ବିନୋଦ ନାୟକ, ଅଜିତ ସାମଲ, ମଧୁସୂଦନ ସାହୁ, ସରୋଜ ଦାସ, ସର୍ଣ୍ଣଲତା ମିଶ୍ର, ଆଶ୍ରିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ନୂତନ ଏସ୍‌ପିଙ୍କୁ ଶୁଭେଚ୍ଛା ଜଣାଇଲା ମୁସଲିମ ଜମାତ



ଏସ୍‌ପିଙ୍କ ସହ ମୁସଲିମ୍ ଜମାତ କର୍ମକର୍ତ୍ତା।

ଭଦ୍ରକ,୬।୧୦(ସନାତନ ରାଉତ)

ଭଦ୍ରକ ମୁସଲିମ୍ ଜମାତ ପକ୍ଷରୁ କର୍ମକର୍ତ୍ତାମାନେ ପୁରୁଣାବଜାର ଥାନାରେ ନୂତନ ଏସ୍‌ପି ମଡକର୍ ସନ୍ଦୀପ ସମ୍ପଦଙ୍କୁ ସାକ୍ଷାତ କରି ଶୁଭେଚ୍ଛା ଜଣାଇଛନ୍ତି। ଜମାତର ସଭାପତି ହାଜି ମହମ୍ମଦ ଅବଦୁଲ ବାରୀ ଓ ସମସ୍ତ ସଭ୍ୟ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉର୍ଦ୍ଦୁ କବି ମୁସ୍ତାକ ଗହ୍ୱର ଭାଇଚାରା ଉଦ୍ଦେଶ୍ୟରେ ଲେଖିଥିବା ଏକ କବିତା(ସାଏରୀ) ଗାନ କରି ନୂତନ ଏସ୍‌ପିଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜମାତର ଉପସଭାପତି ମହମ୍ମଦ ଜକାଉଲ୍ଲା, ସାଧାରଣ ସମ୍ପାଦକ ହାଜି ସେଖ ଇନାମ ମହମ୍ମଦ, ସମ୍ପାଦକ ହାଜି ଅବଦୁଲ ମୁକିତ ଖାନ୍, ସମ୍ପାଦକ ସେଖ ସିରଜୁଦ୍ଦିନ୍ ଓ ମିଡିଆ ସେଲ ସଂଯୋଜକ ଶେଖ ଅନୱାର(ବାବୁ)ଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ତଥ୍ୟ ସଂଗ୍ରହ କଲା ଇନ୍‌ଟାକ୍‌ର ୮ଜଣିଆ ଟିମ୍

ଭଦ୍ରକ, ୬।୧୦(ସନାତନ ରାଉତ)

**ସେବାୟତଙ୍କ ଘରୁ ବିଭିନ୍ନ ମୂର୍ତ୍ତି ମିଳିବା ଘଟଣା**

ଇନ୍‌ଟାକ୍‌ର ଆବାହକ ଦିଗମ୍ବର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ ଜିଲା ସାଂସ୍କୃତିକ ଐତିହ୍ୟ ସୁରକ୍ଷାର ୮ଜଣିଆ ଟିମ୍ ଆରଡ଼ି ଗସ୍ତ କରି ସେବାୟତଙ୍କ ଘର ଭିତରୁ ମିଳିଥିବା ବିଭିନ୍ନ ମୂର୍ତ୍ତି ସମ୍ପର୍କରେ ତଥ୍ୟ ସଂଗ୍ରହ କରିଛନ୍ତି। କିଛିଦିନ ତଳେ ଆରଡ଼ିର ସେବାୟତ ରବୀନ୍ଦ୍ର କୁମାର ମିଶ୍ରଙ୍କ ଘରୁ ମାଟିତଳୁ ମୂଲ୍ୟବାନ ଧାତୁର ମୂର୍ତ୍ତି ଉଦ୍ଧାର ହୋଇଥିଲା।

ରବୀନ୍ଦ୍ରଙ୍କ ପୁଅ ପ୍ରିୟବ୍ରତ ଏହି ଟିମ୍‌କୁ ସୂଚନା ଦେଇ କହିଛନ୍ତି, ତାଙ୍କ ଘରେ ଅନେକ ଦିନ ଧରି ପାରିବାରିକ ବିଶୃଙ୍ଖଳା ତଥା ଆର୍ଥିକ ଅନଟନ ଦେଖାଦେଉଥିଲା। ଘର ଭିତରେ ଧୂପ ଓ ଝୁଣାର ବାସ୍ନା ହେଉଥିବା ସହ ରାତି ୧୨ଟା ପରେ ପରେ ଝୁଣୁ ଝୁଣୁ ଶବ୍ଦ ମଧ୍ୟ ଶୁଣିବାକୁ ପାଉଥିଲେ। ପରେ ସେମାନଙ୍କୁ ସ୍ୱପ୍ନାଦେଶ ହେବାରୁ ସେମାନେ ପୀରହାଟ ଅଞ୍ଚଳର ବାସ୍ତୁଶାସ୍ତ୍ରବିତ୍ ନରୋତ୍ତମ ମିଶ୍ରଙ୍କୁ ଯୋଗାଯୋଗ କରିଥିଲେ। ତାଙ୍କ ପରାମର୍ଶକ୍ରମେ ଶୋଇବା ଘର ଭିତରେ ୬ଫୁଟ ଓସାର, ୬ଫୁଟ ଲମ୍ବ ଓ ୧୫ ଫୁଟ ଗଭୀର ପର୍ଯ୍ୟନ୍ତ ଖୋଳିଥିଲେ। ଖୋଳାଯିବା ସ୍ଥାନରୁ ୧.୫ ଫୁଟ ଉଚ୍ଚର ଶିବ ମୂର୍ତ୍ତି, ୧.୫ଫୁଟ ଉଚ୍ଚ ପାର୍ବତୀ ମୂର୍ତ୍ତି, ୧ଫୁଟ ଉଚ୍ଚ କାର୍ତ୍ତିକେୟ ମୂର୍ତ୍ତି, ଅଧଫୁଟ ଉଚ୍ଚ ଗଣେଶ ମୂର୍ତ୍ତି, ଅଧଫୁଟ ଉଚ୍ଚ ବୃଷଭ ମୂର୍ତ୍ତି ଓ ଅଧଫୁଟ ଉଚ୍ଚର ପିକଦାନୀ ମିଳିଥିଲା। ଉକ୍ତ ମୂର୍ତ୍ତିଗୁଡ଼ିକ ଅଷ୍ଟଧାତୁରେ ନିର୍ମିତ ବୋଲି ଇନ୍‌ଟାକ୍ ସଭ୍ୟମାନେ ଅନୁମାନ କରିଥିଲେ। ଉକ୍ତ ଟିମ୍‌ରେ ଡଃ. ଗୋଲକ ବିହାରୀ ସାହୁ, ଡଃ. ଭାଗବତ ତ୍ରିପାଠୀ, ବିଚିତ୍ରାନନ୍ଦ ମହାନ୍ତି, ଅଜିତ୍ କୁମାର ନାୟକ, କୈଳାସ ଚନ୍ଦ୍ର ପଣ୍ଡା, ବାବାଜୀଚରଣ ପଣ୍ଡା, ମୁକ୍ତିକାନ୍ତ ମହାପାତ୍ର, ଯୁଧିଷ୍ଠିର ବାରିକ ଯାଇଥିଲେ। ଏ ବାବଦରେ ଭଦ୍ରକ ଜିଲାପାଳଙ୍କୁ ଫଟୋ ସହ ବିସ୍ତୃତ ତଥ୍ୟ ପ୍ରଦାନ କରିବା ସହ ଉଦ୍ଧାର ହୋଇଥିବା ମୂର୍ତ୍ତିଗୁଡ଼ିକୁ ପ୍ରକୃତ ସଂରକ୍ଷଣ କରିବା ପାଇଁ ଜଣାଇଛନ୍ତି।

## ସ୍ୱାଧୀନତା ସଂଗ୍ରାମୀ ମହମ୍ମଦ ହନିଫ୍‌ଙ୍କ ଶ୍ରାଦ୍ଧବାର୍ଷିକୀ

ଭଦ୍ରକ,୬।୧୦(ସନାତନ ରାଉତ)




ଅନୁଷ୍ଠିତ ଶୋଭାଯାତ୍ରା।

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶା ବିଧାନସଭାର ପୂର୍ବତନ ଉପ-ବାଚସ୍ପତି ଓ ପୂର୍ବତନ ଏମ୍‌ପି ମହମ୍ମଦ ହନିଫ୍‌ଙ୍କ ୫୭ତମ ଶ୍ରାଦ୍ଧବାର୍ଷିକୀ ରବିବାର ପାଳିତ ହୋଇଯାଇଛି। ପୁରୁଣାବଜାର ପୋଷ୍ଟଅଫିସ ସମ୍ମୁଖରୁ ଏକ ଶୋଭାଯାତ୍ରାରେ ହନିଫ୍ ସ୍ମୃତି କମିଟିର ସମସ୍ତ ସଦସ୍ୟ, ଭଦ୍ରକର ବହୁ ବୁଦ୍ଧିଜୀବୀ, ଗାନ୍ଧୀ ବାଳାଶ୍ରମ ସ୍କୁଲର ଛାତ୍ରୀଛାତ୍ର ପୁରୁଣାବଜାରର କାଜିମହଲ୍ଲାସ୍ଥିତ ତାଙ୍କ ସମାଧିଠାରେ ପହଞ୍ଚି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବିଶିଷ୍ଟ କବି ମୁସ୍ତାକ ଗୌହର କୋରାନ ପାଠ ଓ ଫାତେହା ଏବଂ ଗାନ୍ଧୀ ବାଳାଶ୍ରମ ସମ୍ପାଦକ ଅଶୋକ ଦାସ ରାମଧୂନ ପରିବେଷଣ କରିଥିଲେ। ସ୍ମୃତି କମିଟିର ସଭାପତି ଅଜୟ ନାୟକଙ୍କ ପୌରୋହିତ୍ୟରେ ସଭାରେ ବିଦ୍ୟାଧର ସାହୁ, ଛାତ୍ରୀ ତନୁଜା ପରୱିନ, ଅତିସ ବେହେରା, ଭଦ୍ରକ ପୌରାଧ୍ୟକ୍ଷା ଗୁଲମକ୍କି ଦଲୱାଜି ହବିବ, ପ୍ରାଧ୍ୟାପକ ନାସିର ବକ୍ସ, ଲଲାଟେନ୍ଦୁ ମହାନ୍ତି, ଅଧ୍ୟାପକ ଲଲାଟେନ୍ଦୁ ମଲ୍ଲିକ, ସୁଧାକର ରାଉତ, ଏସ୍‌ଏମ୍ ଫାରୁକ, ହାଜୀ ଅବଦୁଲ ମୁକିତ୍ ଖାନ, ହରୀ ପ୍ରସାଦ ନନ୍ଦୀ, ହାଜୀ କାଶିମ ଖାନ, କୈଳାସ ମହାପାତ୍ର, ଆଇନଜୀବୀ ଅବୁ ସୁଫିୟାନ, ଆଇନଜୀବୀ ସାହିଲ ଅହେମଦ, ମହେଜବିନ ଅଖତର, ଶାନ୍ତନୁ ରାଉତ, ଗଦାଧର ବଳ, ନାରାୟଣ ଚନ୍ଦ୍ର ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁକ୍ରିତି କର ପ୍ରମୁଖ ହନିଫଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅତିଥିଭାବେ ଡ. ରବି ମହାପାତ୍ର, ବସୁମିତ୍ରା ସାହୁ, ଶେଖ ସିରାଜୁଦ୍ଦିନ, ହକିମୁଦ୍ଦିନ ଖାନ, ପାରିଷଦ ସାହିଦ ଖାନ, ପାରିଷଦ ହେମନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ।ସମ୍ପାଦକ ହାଜୀ ଅନୱର ହୋସେନ ବିବରଣୀ ପାଠ ପଢ଼ିଥିଲେ। ହନିଫ ବାବୁଙ୍କ ନାତି ମିର୍ଜା ଇଜାଜ ବେଗ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ମାଷ୍ଟର ଜୁଲଫୁକାର, ମାଷ୍ଟର ଜହିରୁଦ୍ଦିନ, ଜଫରୁଲ୍ଲା ଖାନ, ତନୱିର ଖାନ ପରିଚାଳନା କରିଥିଲେ।

# ରାସ୍ତା ମରାମତି ନ ହେଲେ ଆନ୍ଦୋଳନ

- କାଦୁଅ ପଚପଚ ବାଲିଘାଇ ଗ୍ରାମରାସ୍ତା
- ଯାତାୟାତ ପାଇଁ ଲୋକେ ଭୋଗୁଛନ୍ତି ଦୁର୍ଦ୍ଦଶା

ତିହିଡ଼ି,୬।୧୦(ସଞ୍ଜିତ ବଳ)



ଶୋଚନୀୟ ହୋଇପଡ଼ିଥିବା ବାଲିଘାଇ ରାସ୍ତା।

ତିହିଡ଼ି ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ବାଲିଘାଇ ଗ୍ରାମ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। କାଦୁଅ ପଚପଚ ରାସ୍ତାରେ ଯାତାୟତ ପାଇଁ ଦୀର୍ଘ ବର୍ଷ ହେଲା ଗ୍ରାମବାସୀ ଦୁର୍ଦ୍ଦଶା ଭୋଗି ଚାଲିଛନ୍ତି। ଲୋକେ ବିଭିନ୍ନ ସମୟରେ ବିଡିଓଙ୍କୁ ଭେଟି ଏ ସମ୍ପର୍କରେ ଅଭିଯୋଗ କରିବା ସହ ରାସ୍ତାକୁ କଂକ୍ରିଟ କରିବା ଦିଗରେ ପଦକ୍ଷେପ ନେବାକୁ ଦାବି ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରିନାହିଁ। ଏଥିରେ ଅସନ୍ତୋଷ ପ୍ରକାଶ କରି ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଗ୍ରାମାଞ୍ଚଳରେ ଗମନାଗମନ ସମସ୍ୟାର ଦୂରୀକରଣ ପାଇଁ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଉଛି। ମାତ୍ର ପ୍ରାଶାସନର ଅବହେଳା ଓ ରାଜନୈତିକ ଉଦାସୀନତା ପାଇଁ ଏହାର ସଫଳ ରୂପାୟନ ହୋଇପାରୁନାହିଁ। ଯାହାର ଉଦାହରଣ ହେଉଛି ଏହି ବାଲିଘାଇ ରାସ୍ତା। ବାଲିଘାଇ ପରି ଉପାନ୍ତ ଏବଂ ବନ୍ୟା ପ୍ଲାବିତ ଅଞ୍ଚଳରେ କଂକ୍ରିଟ ରାସ୍ତା ନିର୍ମାଣ ହୋଇ ନ ପାରିବା ଦୁର୍ଭାଗ୍ୟର ବିଷୟ ହୋଇଛି। ରାସ୍ତାର ଦୁରାବସ୍ଥା ପାଇଁ ଶତାଧିକ ଗ୍ରାମବାସୀ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜରୁରୀକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଁ ଭିତରକୁ ଯାଇପାରୁନାହିଁ। ବିଶେଷ କରି ଛାତ୍ରୀଛାତ୍ରମାନେ ସାଇକେଲ ନେଇ ସ୍କୁଲକୁ ଯିବା ସମ୍ଭବ ହୋଇ ପାରୁନାହିଁ। ଅସରାଏ ବର୍ଷା ହେଲେ କାଦୁଅ ପଚପଚ ରାସ୍ତାରେ ଚାଲି ଚାଲି ଯିବା ମଧ୍ୟ କଷ୍ଟସାଧ୍ୟ ହୋଇଥାଏ। ତୁରନ୍ତ ପରିସ୍ଥିତିର ଅନୁଧ୍ୟାନ କରି ରାସ୍ତା ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି। ଏହା କରା ନ ଗଲେ ଆନ୍ଦୋଳନାତ୍ମକ ପଦକ୍ଷେପ ନିଆଯିବ ବୋଲି ଶଶଧର ସ୍ୱାଇଁ, ଦେବେନ୍ଦ୍ର ପ୍ରଧାନ, ଶରତ ଲେଙ୍କା, ଚକ୍ରଧର ରାଉତ, ଉମାକାନ୍ତ ସ୍ୱାଇଁ, ସଞ୍ଜୟ ଲେଙ୍କା, ଶ୍ରୀକାନ୍ତ ପ୍ରଧାନ, ପୁରୁଷୋତ୍ତମ ରାଉତ, ବିଦ୍ୟାଧର ରାଉତ, କାଳନ୍ଦୀ ଲେଙ୍କା ପ୍ରମୁଖ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ଜ୍ୟୋତିର୍ମୟ କରଙ୍କୁ ପଚାରିବାରୁ ରାସ୍ତା ପରିସ୍ଥିତି ଅନୁଧ୍ୟାନ କରାଯିବା ପରେ ନିର୍ମାଣ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ଅପହୃତା ନାବାଳିକା ଉଦ୍ଧାର

ରାମଚନ୍ଦ୍ରପୁର,୬।୧୦(ଗଣେଶ୍ୱର ସା): କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଘସିପୁରା ଥାନା ଅନ୍ତର୍ଗତ ହରିଡ଼ାପାଳ ପଞ୍ଚାୟତ ଅଞ୍ଚଳରୁ ଅପହରଣ ହୋଇଥିବା ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିଛି। ନାବାଳିକାଙ୍କୁ ଏକ ସରକାରୀ ଆଶ୍ରମରେ ରଖାଯାଇଛି। ସୋମବାର କୋର୍ଟରେ ବୟାନ ରେକର୍ଡ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ସୂଚନା ଅନୁଯାୟୀ, ସେପ୍ଟେମ୍ବର ୨୪ରେ ଢେଙ୍କାନାଳ ଜିଲା ଭୁବନ ଥାନା ମଠ କରଗୋଳା ଗ୍ରାମର ଶୁଶାନ୍ତ ନାହାକ, ସୁବାଷ ନାହାକ ନାବାଳିକାଙ୍କୁ ଏକ କଳା ପଲସର୍‌ରେ ଜବରଦସ୍ତି ବସାଇ ନେଇଯାଇଥିଲେ। ନିଜ ଘରେ ରଖି ଯୌନ ନିର୍ଯାତନା ଦେଉଥିଲେ ବୋଲି ଅଭିଯୋଗ ହୋଇଥିଲା। ଘଟଣା ସମ୍ପର୍କରେ ଗତ ୩ ତାରିଖରେ ନାବାଳିକାଙ୍କ ବାପା ଘସିପୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଶନିବାର ଘସିପୁରା ପୋଲିସର ଏକ ଟିମ୍ ଢେଙ୍କାନାଳ ଯାଇ ନାବାଳିକାଙ୍କୁ ଉଦ୍ଧାର କରିଥିବା ଥାନା ଅଧିକାରୀ ସୁନୀଲ କର କହିଛନ୍ତି।

### ନବମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ଯୋଡ଼ା,୬।୧୦(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ଭୂୟାଁ ରୋଇଡ଼ା ପଞ୍ଚାୟତର କୁନ୍ଦୁରୁ ପାଣିଠାରେ କୁନ୍ଦୁରୁ ପାଣି ୟୁଥ୍ କ୍ଲବ୍ ପକ୍ଷରୁ ନବମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ତୁଳସୀ ବବଙ୍ଗା, ସମ୍ମାନିତ ଅତିଥିଭାବେ ତିରିଂ ପାହାଡ଼ ଲୌହ ଖଣିର ମ୍ୟାନେଜର ଅମ୍ଳାନ ଦାସ, ମୁଖ୍ୟ ବକ୍ତାଭାବେ ପଞ୍ଚାନନପୁର ସ୍କୁଲର ଶିକ୍ଷକ ଭକ୍ତବନ୍ଧୁ ମହାନ୍ତ, ଅତିଥିଭାବେ ଗୁରୁଡ଼ା ମଣ୍ଡଳ ସ୍କୁଲର ଶିକ୍ଷକ ପବିତ୍ର ମୋହନ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

### ଋଣ ଶୁଝି ନ ପାରି ବୃଦ୍ଧଙ୍କ ଆତ୍ମହତ୍ୟା

ରାମଚନ୍ଦ୍ରପୁର,୬।୧୦(ଗଣେଶ୍ୱର ସା): କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଗଡ଼ବାନ୍ଧଗୋଡା ପଞ୍ଚାୟତର ନରଦା ଗ୍ରାମରେ ଜଣେ ବୃଦ୍ଧ ଋଣ ଟଙ୍କା ଶୁଝି ନ ପାରି ଆତ୍ମହତ୍ୟା କରିଛନ୍ତି। ମୃତକ ଗ୍ରାମର ଯୁଧିଷ୍ଠିର ପଲେଇ (୬୨)। ଯୁଧିଷ୍ଠିର ଝିଅ ବାହାଘରକୁ ଋଣ ଆଣି ସୁଜି ନ ପାରି ଚିନ୍ତାରେ ଥିଲେ। ସେ କାରଣରୁ ଆତ୍ମହତ୍ୟା କରିଥିବା ପରିବାର ଲୋକେ କହିଥିବା ଥାନା ଅଧିକାରୀ ବିଜୟ ସିଂ କହିଛନ୍ତି। ରବିବାର ସନ୍ଧ୍ୟାରେ ଯୁଧିଷ୍ଠିର ଶୋଇବା ଘରେ ରଶି ଲଗାଇ ଝୁଲି ପଡ଼ିଥିଲେ। ଘର ଲୋକ ଦେଖି ଯୁଧିଷ୍ଠିରଙ୍କୁ ଉଦ୍ଧାର କରି ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାମଚନ୍ଦ୍ରପୁର ପୋଲିସ ମୃତଦେହ ଜବତ କରି ଏକ ମାମଲା(ନଂ.୧୯/୨୪) ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି।

# ‘ମଣିଷର ଜୀବନଶୈଳୀ ପରିବେଶକୁ ନଷ୍ଟ କରୁଛି’

## ବନ୍ୟପ୍ରାଣୀ ସଂରକ୍ଷଣ କୋର କମିଟି ବୈଠକ

କେନ୍ଦୁଝର,୬।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)



ବୈଠକରେ ଉପସ୍ଥିତ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ପୂର୍ବତନ ଏମ୍‌ପି ରାହାସ ବିହାରୀ ବାରିକ, ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି ଓ ଅନ୍ୟମାନେ।

କେନ୍ଦୁଝର ଜିଲାପାଳଙ୍କ ଦରବାରହଲଠାରେ ରବିବାର କେନ୍ଦୁଝର ବନଖଣ୍ଡରେ ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ହାତୀ-ମଣିଷ ଲଢ଼େଇ ଉପରେ କୋର କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡିଏଫ୍‌ଓଙ୍କ ଧନ୍‌ରାଜ ଏଚ୍‌ଡିଙ୍କ ଅଧ୍ୟକ୍ଷତାରେ ଲୋକ ପ୍ରତିନିଧି, ଜିଲାର ବନ ସୁରକ୍ଷା ସଭାପତି, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ପରିବେଶବିତ୍ ଏବଂ ବନ ବିଭାଗର ପଦାଧିକାରୀମାନେ ସାମିଲ ହୋଇଥିଲେ।

ବୈଠକରେ ମୁଖ୍ୟ ଅତିଥିଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ ଯୋଗଦେଇ ଜଙ୍ଗଲ ଏବଂ ବନ୍ୟପ୍ରାଣୀଙ୍କ ସୁରକ୍ଷା ସମସ୍ତଙ୍କର କର୍ତ୍ତବ୍ୟ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ପୂର୍ବତନ ଏମ୍‌ପି ରାହାସ ବିହାରୀ ବାରିକ ଯୋଗଦେଇ ମଣିଷର ଜୀବନଶୈଳୀ ପରିବେଶକୁ ନଷ୍ଟ କରୁଛି ବୋଲି କହିଥିଲେ। ଧରଣୀଧର ବିଶ୍ୱ ବିଦ୍ୟାଳୟର କୁଳପତି ଡ. ପ୍ରତାପ କୁମାର ମହାନ୍ତି ହାତୀ ମଣିଷ ଲଢ଼େଇ ରୋକିବା ପାଇଁ ପଦକ୍ଷେପ ନେବା ଜରୁରୀ। ଜଙ୍ଗଲ କ୍ଷୟ ଏବଂ ଜଙ୍ଗଲରେ ହାତୀଙ୍କ ଖାଦ୍ୟ ଅଭାବ କାରଣରୁ ଜନବସତି ମୁହାଁ ହୋଇ ବ୍ୟାପକ କ୍ଷୟକ୍ଷତି କରୁଛନ୍ତି ବୋଲି କହିଥିଲେ। ଡିଏଫଓ ଧନ୍‌ରାଜ ଏଚ୍‌ଡ଼ି କହିଥିଲେ, ଜଙ୍ଗଲ ଜବରଦଖଲ ଯୋଗୁ ଏବଂ ବ୍ୟାପକ ଜଙ୍ଗଲ କ୍ଷୟ ଯୋଗୁ ହାତୀ-ମଣିଷ ସଂଘର୍ଷ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଜଙ୍ଗଲ ଉପରେ ଲୋକଙ୍କ ନିର୍ଭରତା କମିଲେ ଜଙ୍ଗଲ ସୁରକ୍ଷା ହୋଇପାରିବ। ହାତୀ ଉପଦ୍ରବ ରୋକିବା ପାଇଁ ଟ୍ରେଞ୍ଚ, ସୋଲାର ଫ୍ୟାନସିଂ କରିବା ସହ ସେଭଳି ପରିସ୍ଥିତିରେ କିଭଳି ଲୋକଙ୍କ ଜୀବନଜୀବିକା ସୁରକ୍ଷା ସହ ଜଙ୍ଗଲର ସୁରକ୍ଷା କରାଯାଇପାରିବ ସେ ଉପରେ ଡିଏଫ୍‌ଓ ବୁଝାଇଥିଲେ। ପରେ କୋର କମିଟି ସଦସ୍ୟଙ୍କଠାରୁ ମତାମତ ନେଇ ଆଗାମୀ ଦିନର କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଇଏଫଏସ ପ୍ରୋବେସନର କେ.ନାଗାରାଜୁ ଆକ୍ସନ ପ୍ଲାନ ସମ୍ପର୍କରେ ବୁଝାଇଥିଲେ। ଏସିଏଫ ଇନ୍‌ଚାର୍ଜ ଘଟଗାଁ ରେଞ୍ଜ ପ୍ରଭାତ କୁଅଁର, ଏସିଏଫ ଇନ୍‌ଚାର୍ଜ ଚମ୍ପୁଆ ରେଞ୍ଜ ଅକ୍ଷୟ ଛତ୍ରିଆ, ଏସିଏଫ ଇନ୍‌ଚାର୍ଜ ତେଲକୋଇ ରେଞ୍ଜ ଶିବାଜୀ ମୋହନ ରାଓ, ଭୂୟାଁ ଜୁଆଙ୍ଗ ପୀଢ଼ ରେଞ୍ଜ ଅଧିକାରୀ ନୟନକାନ୍ତ ସାହୁ, ବଡ଼ବିଲ ରେଞ୍ଜ ଅଧିକାରୀ ରଞ୍ଜନ କାର୍ଲୋ, ସଦର ରେଞ୍ଜ ଅଧିକାରୀ ଅଜିତ୍ ଦାସ, ଅବସରପ୍ରାପ୍ତ ରେଞ୍ଜ ଅଧିକାରୀ ବିଜୟ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ମା’ ତାରିଣୀ ମନ୍ଦିର ନିକଟ ଭୋଗ ଦୋକାନ ଜଳିଗଲା

କେନ୍ଦୁଝର,୬।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ)



କେନ୍ଦୁଝର ଜିଲାର ଘଟଗାଁସ୍ଥିତ ପ୍ରସିଦ୍ଧ ମା’ ତାରିଣୀ ମନ୍ଦିର ନିକଟରେ ଥିବା ୫ ଭୋଗ ଦୋକାନରେ ଶନିବାର ରାତି ୯ଟାରେ ନିଆଁ ଲାଗିଯାଇଛି। ଖବର ପାଇ ଘଟଗାଁ ଅଗ୍ନିଶମ ସେବା କର୍ମଚାରୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। କେଉଁ କାରଣରୁ ନିଆଁ ଲାଗିଲା ଠିକ ଭାବେ ଜଣାପଡି ନ ଥିଲେ ହେଁ ସର୍ଟସର୍କିଟ କାରଣରୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ଦୋକାନ ସମ୍ପୂର୍ଣ୍ଣ ପୋଡ଼ିଯାଇଥିବା ବେଳେ ଲକ୍ଷାଧିକ ଟଙ୍କା ମୂଲ୍ୟର ସମ୍ପତ୍ତି ନଷ୍ଟ ହୋଇଯାଇଛି। ଛୋଟ ବ୍ୟବସାୟୀ ଆର୍ଥିକ ସହାୟତା ପାଇଁ ପ୍ରଶାସନକୁ ଅନୁରୋଧ କରିଛନ୍ତି। ମା’ ତାରିଣୀ ଟ୍ରଷ୍ଟ ବୋର୍ଡର ନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର କହିଛନ୍ତି, ମନ୍ଦିର ପରିସର ବାହାରେ ଏହି ଅଗ୍ନିକାଣ୍ଡ ଘଟିଛି। ମନ୍ଦିର ପରିସରରେ କୌଣସି କ୍ଷତି ହୋଇନାହିଁ।

# ଶିକ୍ଷକଙ୍କୁ ଅବସରକାଳିନ ସମ୍ବର୍ଦ୍ଧନା

ଯୋଡ଼ା,୬।୧୦(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ଦେଓଝର ପଞ୍ଚାୟତର ଝୁଜିଝୁପି ସ୍କୁଲରେ ଶିକ୍ଷକତା ଆରମ୍ଭ କରିଥିବା ଶିକ୍ଷକ ରଜିଆ ଗ୍ରାମର ପୁରନ୍ଦର ଗିରିଙ୍କୁ ଅବସରକାଳିନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଦୀର୍ଘ ୩୬ ବର୍ଷର ଶିକ୍ଷକତା ମଧ୍ୟରେ ଅନ୍ୟ କୌଣସି ସ୍କୁଲକୁ ସେ ବଦଳି ହୋଇନାହାନ୍ତି। ପୁରାତନ ଛାତ୍ରୀଛାତ୍ରମାନେ ଏକ ବିରାଟ ଶୋଭାଯାତ୍ରାରେ ଉକ୍ତ ବିଦ୍ୟାଳୟରୁ ବାହାରି ବିଲେଇପଦା ପର୍ଯ୍ୟନ୍ତ ଯାଇଥିଲେ। ବିଦାୟୀ ସମ୍ବର୍ଦ୍ଧନା ସମୟରେ ତାଙ୍କର ଦୀର୍ଘ ବର୍ଷର କାର୍ଯ୍ୟକାଳ ଓ ସମ୍ପର୍କକୁ ନେଇ ଛାତ୍ରୀଛାତ୍ର ଓ ଗ୍ରାମବାସୀ ଭାବ ବିହ୍ୱଳ ହୋଇ ପଡ଼ି ତାଙ୍କ ଘର ରଜିଆ ପର୍ଯ୍ୟନ୍ତ ଯାଇଥିଲେ। ପୁରାତନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଜୟ ବାରିକ, ପ୍ରଦୀପ ମହାକୁଡ, ଜ୍ୟୋତି ରଞ୍ଜନ ଖିଲାର, ଯୁଧିଷ୍ଠିର ପଲେଇ, ମଙ୍ଗଳ ମୁଣ୍ଡା, ସୀତାରାମ ମୁଣ୍ଡା, ବାଜାୟେ ମୁଣ୍ଡା, ସୁକୁମତି ମୁଣ୍ଡା, ହରପ୍ରିୟା ମହାକୁଡ଼, ଗ୍ରାମବାସୀଙ୍କ ମଧ୍ୟରେ କାଳୀଚରଣ ମୁଣ୍ଡା, ତ୍ରିଲୋଚନ ପଲେଇ, ପାଣ୍ଡିଆ ମୁଣ୍ଡା, ଦେବକୀ ଖିଲାର ପ୍ରମୁଖ ଉପସ୍ଥିତ ଥିଲେ।

# ପାଣି ପାଇଁ ଲୋକେ ହନ୍ତସନ୍ତ

## ୧୫ ଦିନ ହେଲା ନଳକୂପ ଅଚଳ


ଦକ୍ଷିଣପଶି ଗ୍ରାମରେ ଥିବା ନଳକୂପରୁ ପାଣି ସଂଗ୍ରହ ପାଇଁ ମହିଳାମାନେ ଧାଡ଼ିରେ ଛିଡ଼ା ହୋଇଛନ୍ତି।

ପାଟଣା,୬।୧୦(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୂଷାଖରୀ ପଞ୍ଚାୟତ ମଲ୍ଲିପଶି ଗ୍ରାମ ୬ ନମ୍ବର ୱାର୍ଡ ଭୂମିଜ ସାହିରେ ୧୫ ଦିନ ହେବ ନଳକୂପ ଅଚଳ ହୋଇଯାଇଛି। ଏ ନେଇ ଅଭିଯୋଗ କଲେ ବି କେହି କର୍ଣ୍ଣପାତ କରୁନାହାନ୍ତି। ଫଳରେ ଲୋକେ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଥିବା ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ସାହିରେ ୩୦ ପରିବାରର ଦେଢ଼ଶହରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ପିଇବା ପାଣି ମେଣ୍ଟାଉଥିବା ଏକ ମାତ୍ର ନଳକୂପ ୧୫ ଦିନ ହେବ ଅଚଳ ହୋଉପଡ଼ିଛି। ଫଳରେ ଲୋକେ ଦେଢ଼ କି.ମି. ଦୂର ଦକ୍ଷିଣ ପଶି ଗାଆଁର ନଳକୂପରୁ ପାଣି ସଂଗ୍ରହ କରି ଆଣୁଛନ୍ତି। ଏ ନେଇ ଗ୍ରାମବାସୀ ସରପଞ୍ଚଙ୍କଠାରୁ ଆରମ୍ଭ କରି ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କଠାରେ ଅଭିଯୋଗ କରିଥିଲେ ହେଁ ସମସ୍ୟା ସମାଧାନ ହୋଇପାରୁନାହିଁ। ତୁରନ୍ତ ନଳକୂପଟି ମରାମତି ନ ହେଲେ ବ୍ଲକ୍ ଓ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

# ଉଷୁ ଖେଳରେ ସ୍ୱର୍ଣ୍ଣ ଜିତି ଗୌରବ ଆଣିଲେ ସ୍ୱେତାରାଣୀ

ଯୋଡ଼ା,୬।୧୦(ମାନସ ମହାନ୍ତି)

ଆନ୍ତର୍ଜାତୀୟ ଉଷୁ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରି ଦେଶ ପାଇଁ ଗୌରବ ଆଣିଛନ୍ତି ବଡ଼ବିଲ ଅଞ୍ଚଳର ସ୍ୱେତାରାଣୀ ମହାନ୍ତ(୧୬)। ଅକ୍ଟୋବର ୧ରୁ ୪ ତାରିଖ ମଧ୍ୟରେ ବାଂଲାଦେଶର ଢାକାଠାରେ ଆୟୋଜିତ ପ୍ରଥମ ସାଉଥ୍ ଏସିଆନ ସ୍କୁଲ କମ୍ବାଟର (୪୮କେଜି) ଉଷୁ ପ୍ରତିଯୋଗିତାରେ ଏହି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଫାଇନାଲ ମ୍ୟାଚ ବାଂଲାଦେଶ ଓ ଭାରତ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱେତା ଉଚ୍ଚ କୋଟିର ଖେଳ ପ୍ରଦର୍ଶନ କରିଥିବା ବେଳେ ଭାରତ ବାଂଲାଦେଶକୁ ହରାଇ ବିଜୟୀ ହୋଇଥିଲା। ଉଷୁ ଖେଳରେ ଓଡ଼ିଶାରୁ ଏକମାତ୍ର ଖେଳାଳି ଭାବେ ସେ ଭାରତ ଦଳରେ ସାମିଲ ହୋଇଥିଲେ। ପୂର୍ବରୁ ମସ୍କୋଠାରେ ଆୟୋଜିତ ଉଷୁ ଖେଳରେ ୨ ଥର ସ୍ୱର୍ଣ୍ଣ ପଦକ ହାସଲ କରି ଦେଶ ପାଇଁ ଗୌରବ ଆଣିଛନ୍ତି। ତାଙ୍କର ଏହି ସଫଳତା ପାଇଁ କୋଚ୍ ପଙ୍କଜ ମହାନ୍ତ ଖୁସି ବ୍ୟକ୍ତ କରିଛନ୍ତି।



# ଖେଳକୁଦ ପ୍ରତିଯୋଗିତା

ଢେଙ୍କିକୋଟ,୬।୧୦(ନୀଳମଣି ମଣ୍ଡଳ

କେନ୍ଦୁଝର ଜିଲା ଘଟଗାଁସଞ୍ଚ ଅଧୀନରେ ଥିବା ୨୬ଟି ଏକଲ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ସଞ୍ଚସ୍ତରୀୟ ଖେଳକୁଦ ପ୍ରତିଯୋଗିତା ରବିବାର ଢେଙ୍କିକୋଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଖେଳକୁଦକୁ ଘଟଗାଁ ସଞ୍ଚ ସଭାପତି ଗୋବିନ୍ଦ ଚନ୍ଦ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ମୋଟ ୧୨୦ ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ କବାଡି, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ୧୦୦ ମି., ୨୦୦ମି. ଓ ୪୦୦ ମି. ଦୌଡ଼, ଖେଳକୁଦ ପ୍ରତିଯୋଗିତା ହୋଇଥିଲା। ଢେଙ୍କିକୋଟ ସରସ୍ୱତୀ ଶିଶୁମନ୍ଦିରର କ୍ରୀଡ଼ା ଆଚାର୍ଯ୍ୟ ନିରଞ୍ଜନ ମହାନ୍ତ ଏବଂ କେନ୍ଦୁଝର ଅଞ୍ଚଳର ଯୋଗ ପ୍ରମୁଖ କେଦାରନାଥ ମହାନ୍ତ ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ରବି ନାରାୟଣ ଦେହୁରୀ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତାଭାବେ ଢେଙ୍କିକୋଟ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଲୋକନାଥ ମହାନ୍ତ ଯୋଗଦେଇଥିଲେ। ତୁର୍ମୁଙ୍ଗା ସଂଚ ପ୍ରମୁଖ ସୁଲୋଚନା ମହାରଣା ସଭା ସଂଯୋଜନା କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଘଟଗାଁ ସଂଚ ପ୍ରମୁଖ ସୁଲୋଚନା ବେହେରା।

# ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଢେଙ୍କିକୋଟ,୬।୧୦(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ପିପିଳିଆସ୍ଥିତ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ସ୍ୱାଗତ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। +୩ କଳା ଓ ବିଜ୍ଞାନର ନୂତନ ଛାତ୍ରୀଛାତ୍ରଙ୍କୁ ପୁରାତନ ଛାତ୍ରୀଛାତ୍ର ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଏଥି ନିମନ୍ତେ ଆୟୋଜିତ ସଭାରେ +୩ର ଅଧ୍ୟକ୍ଷ ଦୈତାରୀ ମହାନ୍ତ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ +୨ର ଅଧ୍ୟକ୍ଷ ନିରାକାର ସ୍ୱାଇଁ, ମୁଖ୍ୟ ବକ୍ତାଭାବେ +୨ରେ ବରିଷ୍ଠ ଅଧ୍ୟାପକ ଅମୀୟ ରାଉତ, ସମ୍ମାନୀୟ ଅତିଥିଭାବେ +୩ର ପରିଚାଳନା ସମିତିର ସଭାପତି ଜଗବନ୍ଧୁ ମହାନ୍ତ, ଅଧ୍ୟାପକ ବିଷ୍ଣୁଚରଣ ସାମଲ, ତପନ ମହାନ୍ତ, ମନୋରଞ୍ଜନ ପଲେଇ, ଡା. ତ୍ରିଲୋଚନ ପଣ୍ଡା, ପଙ୍କଜ ସତପଥି, ଅଧ୍ୟାପିକା ନିବେଦିତା ଶୁକ୍ଲା, ରଶ୍ମିତା ସାହୁ, ସ୍ମରଣିକା ବାରିକ, ପ୍ରିୟଙ୍କା ଦାସ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷିତ ହେବା ପାଇଁ ଉପଦେଶ ଦେଇଥିଲେ। ଭବିଷ୍ୟତରେ ସୁ-ନାଗରିକ ହୋଇ ଦେଶ ମାତୃକାର ଗର୍ବ ଓ ଗୌରବ ରଖି ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ନାମକୁ ଉଚ୍ଚରେ ରଖିବା ପାଇଁ କହିଥିଲେ। ଉପସ୍ଥିତ ସମସ୍ତ ନୂତନ ଛାତ୍ରୀଛାତ୍ରଙ୍କୁ ପୁରାତନ ଛାତ୍ରୀଛାତ୍ର ଫୁଲ ଚନ୍ଦନ ଦେଇ ସ୍ୱାଗତ କରିଥିଲେ। ପରେ ନୂତନ ଛାତ୍ରୀଛାତ୍ର ସେମାନଙ୍କ ପରିଚୟ ପ୍ରଦାନ କରିଥିଲେ।

# ରାଜପଥରୁ ହମ୍ପ୍ସ ଉଠାଇବାକୁ ନେଇ ବିବାଦ

## ଅଭିଯୋଗ ପରେ ନୂତନ ହମ୍ପ୍ସ ନିର୍ମାଣ

ରାମଚନ୍ଦ୍ରପୁର,୬।୧୦(ଗଣେଶ୍ୱର ସା)

କେନ୍ଦୁଝର ଜିଲା ଘସିପୁରା ଥାନା ୨୦ ନଂ. ଜାତୀୟ ରାଜପଥ ବେଲବାହାଳି ବାଇପାସ୍ ନିକଟରୁ ହମ୍ପ୍ସକୁ ଶନିବାର ଏନ୍‌ଏଚ୍‌ଆଇ ପକ୍ଷରୁ ଉଠାଇଦିଆଯିବାକୁ ନେଇ ବିବାଦ ଦେଖାଯାଇଛି। ସ୍ଥାନୀୟ ଅଞ୍ଚଳବାସୀଙ୍କ ଏହାକୁ ବିରୋଧ କରିଥିବା ବେଳେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକଙ୍କ ଅସନ୍ତୋଷକୁ ଦେଖି ଏନ୍‌ଏଚ୍‌ଆଇ ପକ୍ଷରୁ ନୂତନ ହମ୍ପ୍ସ ନିର୍ମାଣ କରାଯାଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ପାଣିକୋଇଲିଠାରୁ ରିମୁଳିକୁ ସଂଯୋଗ କରିଥିବା ଏହି ଜାତୀୟ ରାଜପଥ କାମ ସମ୍ପୂର୍ଣ୍ଣ ଭାବରେ ଶେଷ ହୋଇନାହିଁ। ଫଳରେ ବହୁ ସମୟରେ ବେଲବାହାଳି ବାଇପାସ୍ ନିକଟରେ ଦୁର୍ଘଟଣା ଘଟୁଛି। ସେହିପରି ବେଲବାହାଳିଠାରୁ ଖପରାଖାଇ ବାଇପାସ୍ ପର୍ଯ୍ୟନ୍ତ ରାସ୍ତା ଅଧପନ୍ତରିଆ ହୋଇଥିବାରୁ ବହୁ ଦୁର୍ଘଟଣା ଘଟୁଥିଲା। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷ ରାସ୍ତାରେ ହମ୍ପ୍ସ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ରାସ୍ତା କାମ ଶେଷ ହୋଇ ନ ଥିବା ବେଳେ ଶନିବାର ଏନ୍‌ଏଚ୍‌ଆଇର କର୍ମଚାରୀମାନେ ହମ୍ପ୍ସକୁ ତାଡ଼ି ଦେଇଥିଲେ। ଗ୍ରାମବାସୀ ଏହାକୁ ଦେଖି ବିରୋଧ କରିବା ସହ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଗ୍ରାମବାସୀଙ୍କ କହିବା ମୁତାବକ, ରାସ୍ତାରେ ଦୈନିକ ଅନେକ ହଜାର ସଂଖ୍ୟକ ଲୁହାପଥର ବୋଝେଇ ଗାଡ଼ି ଦ୍ରୁତ ଗତିରେ ଯାତାୟାତ କରୁଛି। ବହୁ ସମୟରେ ଦୁର୍ଘଟଣା ଘଟୁଥିବା ପରିଲକ୍ଷିତ ହୋଇଛି। ଗତ ଅଗଷ୍ଟ ୧୯ରେ ଏକ ଯାତ୍ରୀବାହୀ ବସ୍‌କୁ ଏକ ଟ୍ରକ୍ ଧକ୍କା ଦେଇଥିଲା। ଦୁର୍ଘଟଣାରେ ୫ ଜଣ ଗୁରୁତର ହୋଇଥିଲେ। ଯଦି ହମ୍ପ୍ସ ନ ଥାନ୍ତା ଏକ ବଡ଼ ଦୁର୍ଘଟଣା ଘଟିଥାନ୍ତା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଗ୍ରାମବାସୀ ଏନ୍‌ଏଚ୍‌ଆଇ କର୍ତ୍ତୃପକ୍ଷଙ୍କୁ ଏହି ବିଷୟରେ ଜଣାଇବାରୁ ୨ ଘଣ୍ଟା ମଧ୍ୟରେ ନୂତନ ହମ୍ପ୍ସ ନିର୍ମାଣ କରାଯାଇଥିଲା।

# ଭସାଣି ଉତ୍ସବକୁ ନେଇ ଦ୍ୱନ୍ଦ୍ୱ

## ନିର୍ଦ୍ଧାରିତ ତାରିଖରେ ହୋଇନି ତ୍ରିଶକ୍ତି କ୍ଲବ୍‌ର ଭସାଣି

ଆନନ୍ଦପୁର,୬।୧୦(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ସହରରେ ଗଣେଶ ଭସାଣି ଉତ୍ସବକୁ ନେଇ ଦ୍ୱନ୍ଦ୍ୱ ଦେଖିବାକୁ ମିଳିଛି। ପ୍ରଶାସନ ପକ୍ଷରୁ ହୋଇଥିବା ନିଷ୍ପତ୍ତିକୁ ଅବମାନନା କରି ତ୍ରିଶକ୍ତି କ୍ଲବ୍‌ର ଗଣେଶ ଭସାଣି ଉତ୍ସବ ଏଯାଏ ହୋଇନି। ତେବେ ଅନ୍ୟ ଏକ ତାରିଖରେ ଭସାଣି କରିବାକୁ ପ୍ରଶାସନ ଉପରେ ଚାପ ସୃଷ୍ଟି କରାଯାଉଥିବା ବେଳେ ପ୍ରଶାସନ କି ପଦକ୍ଷେପ ନେଉଛି ଦେଖିବାକୁ ବାକି ରହିଛି।

ଆନନ୍ଦପୁର ସହରରେ ଶାନ୍ତିଶୃଙ୍ଖଳାର ସହିତ ଗଣେଶ ଭସାଣିକୁ ପରିଚାଳନା କରିବା ପାଇଁ ପ୍ରଶାସନିକସ୍ତରରେ ଅଗଷ୍ଟ ୧୬ରେ ବୈଠକ ଆହ୍ୱାନ କରାଯାଇଥିଲା। ବୈଠକରେ ନିଷ୍ପତ୍ତି ଅନୁଯାୟୀ ଲଟେରୀ ମାଧ୍ୟମରେ ତାରିଖ ଧାର୍ଯ୍ୟ କରାଯାଇଥିଲା। ଯାହାକୁ ସହରର ସମସ୍ତ ୬ ଗୋଟି କ୍ଲବ୍ ସ୍ୱୀକାର କରିଥିଲେ। ଉପ ଜିଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ୍‌ଙ୍କ ଅଧ୍ୟକ୍ଷାତାରେ ଆୟୋଜିତ ବୈଠକରେ ଆନନ୍ଦପୁର ଏସ୍‌ଡିପିଓ, ଆନନ୍ଦପୁର ତହସିଲଦାର, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଭାରାପ୍ରାପ୍ତ ଅଧିକାରୀ, ଆନନ୍ଦପୁର ଥାନା ଅଧିକାରୀଙ୍କ ସମେତ ବିଭିନ୍ନ କ୍ଲବ୍‌ର ସସସ୍ୟମାନେ ଉପସ୍ଥିତ ଥିଲେ। ଆଲୋଚନା ଅନୁଯାୟୀ, ସେପ୍ଟେମ୍ବର ୩୦ ରୁ ଅକ୍ଟୋବର ୫ ମଧ୍ୟରେ ଭସାଣି ଉତ୍ସବକୁ ଶେଷ କରିବା ପାଇଁ ତାରିଖ ଧାର୍ଯ୍ୟ କରାଯାଇଥିଲା। ଏହି କ୍ରମରେ ସେପ୍ଟେମ୍ବର ୩୦ରେ ସ୍ୱାଇସ୍ କ୍ଲବ୍, ତ୍ରିଶକ୍ତି କ୍ଲବ୍ ପକ୍ଷରୁ ଅକ୍ଟୋବର ୧, ଜଗନ୍ନାଥ କ୍ଲବ୍ ପକ୍ଷରୁ ଅକ୍ଟୋବର ୨, ମା’ ଅନେଶ୍ୱରୀ କ୍ଲବ୍ ପକ୍ଷରୁ ଅକ୍ଟୋବର ୩, କିଡସ୍ କ୍ଲବ୍ ପକ୍ଷରୁ ୪ ଏବଂ ଫ୍ରେଣ୍ଡସ୍ କ୍ଲବ ପକ୍ଷରୁ ଅକ୍ଟୋବର ୫ରେ ଗଣେଶ ଭସାଣି ଉତ୍ସବ ହେବାକୁ ନିଷ୍ପତ୍ତି ହୋଇଥିଲା। ତ୍ରିଶକ୍ତି କ୍ଲବ୍‌କୁ ଦିଆଯାଇଥିବା ସମୟରେ ଭସାଣି ନ ହେବା ଏବଂ ଅନ୍ୟ ଏକ ତାରିଖ ଦିଆଯିବାକୁ ଚାପ ସୃଷ୍ଟି କରାଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଆନନ୍ଦପୁର ଉପ ଜିଲାପାଳ ଫାଲଗୁନୀ ମାଝୀଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ଗଣେଶ ଭସାଣି ପାଇଁ ଯେଉଁ କ୍ଲବ୍‌କୁ ଯାହା ତାରିଖ ଧାର୍ଯ୍ୟ କରାଯାଇଛି ସେହି ତାରିଖରେ ସେମାନେ ଭସାଣି ଉତ୍ସବ ପାଳନ କରିବେ। ଏହାର ବ୍ୟତିରେକ ଭସାଣି ପାଇଁ ଅନ୍ୟ ତାରିଖ ପ୍ରଦାନ କରିବା ସମ୍ଭବ ନୁହେଁ ବୋଲି ପ୍ରକାଶ କରିଥିଲେ।

# ଆଧାର ସଂଶୋଧନ ପାଇଁ ଉପଡାକଘରେ ଭିଡ଼

## ଭୋର ୪ଟାରୁ ଧାଡ଼ିରେ ଛିଡ଼ା ହେଉଛନ୍ତି


ଉପଡାକଘର ଆଗରେ ଅପେକ୍ଷାରତ ମହିଳା, ପୁରୁଷ।

ପାଟଣା,୬।୧୦(ବୀର କିଶୋର ଦାସ)

ସୁଭଦ୍ରା ଯୋଜନାରେ ସାମିଲ ହେବା ପାଇଁ ଆଧାରକାର୍ଡରେ ନାମ, ଜନ୍ମ ତାରିଖ ଠିକ୍ ରହିବା ସହ ମୋବାଇଲ ନମ୍ବର ଲିଙ୍କ୍ ଥିବା ଆବଶ୍ୟକ ହେଉଛି। ତେଣୁ ଆଧାର ସଂଶୋଧନ ଓ ନମ୍ବର ଲିଙ୍କ୍ ନିମନ୍ତେ ଜନସେବାକେନ୍ଦ୍ର ଓ ଡାକଘରେ ଭିଡ଼ ପରିଲକ୍ଷିତ ହେଉଛି। ଅନୁରୂପଭାବେ କେନ୍ଦୁଝର ଜିଲା ପାଟଣା ଉପଡାକଘରେ ଶନିବାର ଭୋର ୪ଟାରୁ ଶତାଧିକ ମହିଳା ଓ ପୁରୁଷ ଲମ୍ବା ଧାଡିରେ ଛିଡ଼ା ହୋଇଥିବାର ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, ପାଟଣା ଉପ ଡାକଘରେ ଆଧାର ସଂଶୋଧନ କରିବା ପାଇଁ ସ୍ଥାୟୀ କର୍ମଚାରୀ ନାହାନ୍ତି। ଏରେଣ୍ଡେଇ ବ୍ରାଞ୍ଚ ପୋଷ୍ଟ ମାଷ୍ଟର ମଳୟ ରଞ୍ଜନ ମହାନ୍ତ ଏରେଣ୍ଡେଇ କାମ ସାରି ପାଟଣାରେ ଦିନ ୨ଟା ବେଳେ କାମ ଆରମ୍ଭ କରିଥାଆନ୍ତି। ଲୋକେ ଆଧାର ସଂଶୋଧନ ପାଇଁ ଭୋରରୁ ନିତ୍ୟକର୍ମ ନ କରି ପୋଷ୍ଟ ଅଫିସ ଆଗରେ ଲାଇନ୍ ଲଗାଇଥାଆନ୍ତି। କେତେଜଣ ଲାଇନରେ ଠିଆ ହୋଇ ଦାନ୍ତ ଘଷୁଥିବା ଦୃଶ୍ୟ ଦେଖିବାକୁ ମିଳିଛି। ମହିଳାମାନେ ଛୋଟ ଶିଶୁଙ୍କୁ ଧରି ଦୀର୍ଘ ସମୟ ଲାଇନ୍‌ରେ ଛିଡ଼ା ହେଉଛନ୍ତି। ଲୋକେ ରାତିରୁ ଲାଇନ୍ ଲଗାଉଥିଲେ ହେଁ ଡାକଘର ଦିନ ୧୦ଟା ସମୟରେ ଖୋଲିବା ପରେ ସିରିଏଲ କରୁଛନ୍ତି। ମାତ୍ର ଆଧାର ସଂଶୋଧନ କାର୍ଯ୍ୟ ଅପରାହ୍ନ ୨ଟାରେ ଆରମ୍ଭ ହେଉଛି। ଆଧାର ସଂଶୋଧନ କରିବାକୁ ପାଟଣା ଡାକ ଘରେ ସ୍ଥାୟୀ କର୍ମଚାରୀ ନିଯୁକ୍ତି କରିବାକୁ ସ୍ଥାନୀୟ ଲୋକେ ଦାବି କରିଆସୁଥିଲେ ହେଁ ବିଭାଗୀୟ ଅଧିକାରୀ ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଫଳରେ ଗରିବ ଲୋକମାନେ ଦିନ ତମାମ କାମ ଛାଡ଼ି ଡାକଘର ଆଗରେ ଛିଡ଼ା ହେଉଥିବାରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

# ନକଲି ବିଦେଶୀ ମଦ ଜବତ


ଜବତ ନକଲି ମଦ।

ରାଇରଙ୍ଗପୁର,୬।୧୦(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅବକାରୀ ପୋଲିସ ପକ୍ଷରୁ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ଶନିବାର ବିଶୋଇ ଥାନା ଅଶନା ପଞ୍ଚାୟତ ଅନ୍ତର୍ଗତ ହିଜିଳି ଗ୍ରାମରେ ଚଢ଼ାଉ କରି ୬୭ ଲିଟରରୁ ଊର୍ଦ୍ଧ୍ୱ ନକଲି ବିଦେଶୀ ମଦ ସମେତ ମଦ ତିଆରି ବିଭିନ୍ନ ସରଞ୍ଜାମ ଜବତ କରିଛି। ଏହି ଘଟଣାରେ ମଦ ବ୍ୟବସାୟୀ ଭାନୁ ପ୍ରତାପ ସାହୁଙ୍କୁ ମଧ୍ୟ ଅବକାରୀ ପୋଲିସ ଗିରଫ କରିଛି। ଏନେଇ ଅବକାରୀ ପୋଲିସ ପକ୍ଷରୁ ଏକ ମାମଲା(ନଂ.୧/୨୪-୨୫) ରୁଜୁ ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ରାଇରଙ୍ଗପୁର ଅବକାରୀ ଡେପୁଟି ସୁପରିଟେଣ୍ଡେଣ୍ଟ ସୌମ୍ୟ ରଞ୍ଜନ ବେହେରାଙ୍କ ନେତୃତ୍ୱରେ ରାଇରଙ୍ଗପୁର ଅବକାରୀ ସର୍କଲ ଇନ୍ସପେକ୍ଟର ବିନୟ ପ୍ରକାଶ ତିର୍କୀଙ୍କ ସମେତ ରାଇରଙ୍ଗପୁର ଏବଂ ବିଶୋଇ ଅବକାରୀ ଥାନା କର୍ମଚାରୀ ଚଢ଼ାଉରେ ସାମିଲ ଥିଲେ।

